ବର୍ଷ-୨୬, ସଂଖ୍ୟା-୬୭
ଭୁବନେଶ୍ୱର
୧୧, ମାର୍ଚ୍ଚ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 67
Bhubaneswar
11 March, , 2026 Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

MBBS
ଡିଗ୍ରୀ ହାସଲ
କଲେ
ଶ୍ରୀଲୀଳା

ରାଜ୍ୟସଭାରେ ଏସଆଇଆର ପ୍ରସଙ୍ଗକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ,୧୦।୩(ମହାଭାରତ): ରାଜ୍ୟସଭାରେ ମଙ୍ଗଳବାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)ସଙ୍ଗକୁ ନେଇ ବିରୋଧୀ ଦଳ ହଙ୍ଗାମା କରିଛନ୍ତି।ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ କଥା କଟାକଟି ହୋଇଥିଲା, ଯାହା ଫଳରେ ସେମାନେ ୱାକଆଉଟ୍ କରିଥିଲେ। ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ବସିବା ମାତ୍ରେ ଆବଶ୍ୟକୀୟ ଦସ୍ତାବିଜ ଏବଂ ରିପୋର୍ଟ ଟେବୁଲ ଉପରେ ରଖାଯାଇଥିଲା।ଶୂନ୍ୟ କାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ଏସଆଇଆର ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଅନେକ ରାଜ୍ୟରେ ଚାଲିଥିବା ଏସଆଇଆର ବିଷୟରେ ପ୍ରଶ୍ନ ଉଠାଇଥିଲେ। ଏହି ପ୍ରକ୍ରିୟାକୁ 'ପ୍ରତାରଣା' ବୋଲି କହି ଖାର୍ଗେ କହିଥିଲେ ଯେ ଏହା ଭୋଟର ତାଲିକାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଉଛି ଏବଂ ଅନେକ ବୈଧ ଭୋଟରଙ୍କ ନାମ କଟାଯାଉଛି। ସେ ସରକାରଙ୍କୁ ସ୍ପଷ୍ଟୀକରଣ ପ୍ରଦାନ କରିବାକୁ ଏବଂ ପ୍ରକ୍ରିୟା ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ଗୃହର ନେତା ଜେ.ପି. ନଡ୍ଡା ବିରୋଧୀଙ୍କ ଅଭିଯୋଗକୁ ଖାରଜ କରି କହିଛନ୍ତି ଯେ ପୂର୍ବ ଅଧିବେଶନରେ ନିର୍ବାଚନ ସଂସ୍କାର ଉପରେ ବିସ୍ତୃତ ଆଲୋଚନା ହୋଇସାରିଛି। ସେ ବିରୋଧୀ ଦଳ ଉପରେ ସଂସଦ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଆଣି କହିଛନ୍ତି ଯେ ଏପରି ପ୍ରସଙ୍ଗ ବାରମ୍ବାର ଉଠାଇବା ଉଚିତ୍ ନୁହେଁ। ବିରୋଧୀ ଦଳ ଗୃହ ଭିତରେ ପ୍ରକୃତ ବିତର୍କ ଚାହେଁ ନାହିଁ ଏବଂ ବାରମ୍ବାର ହଙ୍ଗାମା କରି କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ନଡ୍ଡା ବିରୋଧୀ ଦଳଙ୍କ ୱାକଆଉଟ୍କୁ ସମାଲୋଚନା କରି କହିଛନ୍ତି ଯେ ଗୃହରୁ ୱାକଆଉଟ୍ କରି ବିରୋଧୀ ଦଳ ପୁଣି ଥରେ ପ୍ରମାଣିତ କରିଛି ଯେ ସେମାନେ ଅର୍ଥପୂର୍ଣ୍ଣ ଆଲୋଚନା ଚାହାଁନ୍ତି ନାହିଁ। ବିରୋଧୀଙ୍କ ମନୋଭାବ ଦାୟିତ୍ୱହୀନ। ସେମାନେ ଅରାଜକତାରେ ବିଶ୍ୱାସ କରନ୍ତି। ସଂସଦ ପ୍ରସଙ୍ଗ ଉପରେ ବିତର୍କ ପାଇଁ ପ୍ରଚୁର ସୁଯୋଗ ପ୍ରଦାନ କରେ, କିନ୍ତୁ ଆଲୋଚନା ବଦଳରେ ବିରୋଧୀ ଦଳ ପ୍ରତିବାଦ ଏବଂ ୱାକଆଉଟ୍ ର ରାସ୍ତା ବାଛି ନେଉଛି।

ଦେଶବ୍ୟାପୀ ରନ୍ଧନ ଗ୍ୟାସ୍ ଅଭାବ

ଚିନ୍ତିତ ନ ହେବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ଭୁବନେଶ୍ୱର,୧୦।୩(ମହାଭାରତ): ରାଜ୍ୟରେ ରନ୍ଧନ ଗ୍ୟାସ (ଏଲପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ

ମଙ୍ଗଳବାର ଏକ ବୈଠକରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଙ୍କ ସମେତ ଜାଳେଣି ଗ୍ୟାସ(ଏଲପିଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଓସିଏଲ, ଏଚ୍‌ପିସିଏଲ ଓ ବିପିସିଏଲ ଆଦି କମ୍ପାନୀର କର୍ତୃପକ୍ଷମାନେ ଉପସ୍ଥିତ ଥିଲେ ।ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ(ଏଲପିଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏଥି ନେଇ ବିଶେଷ ଚିନ୍ତିତ ନ ହେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ବୈଠକରେ ତୈଳ ବିଶୋଧନାଗାର/ ଡିପୋରୁ ଏଲପିଜି ବିତରକ ଓ ରିଟେଲ ଆଉଟଲେଟ୍‌କୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନ ଥିବା ସଂପର୍କରେ ତୈଳ କମ୍ପାନୀ କର୍ତୃପକ୍ଷମାନଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ସେହିପରି ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡ଼ିକ ପାଇଁ ମଧ୍ୟ ରନ୍ଧନ ଗ୍ୟାସ ଯୋଗାଣରେ ସମସ୍ୟା ନାହିଁ । ମୁଖ୍ୟ ଶାସନ ସଚିବ ସୁବିଧାରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧ ହେବା ନେଇ ଯୋଗାଣ ଶୃଙ୍ଖଳ ସନ୍ତୁଳନ ବଜାୟ ରଖିବାକୁ ତୈଳ କମ୍ପାନୀ କର୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ଆଦିର ଉପଲବ୍ଧତା ନେଇ ନିୟମିତ ଭାବେ ବିଭିନ୍ନ ମାଧ୍ୟମରେ ଆବଶ୍ୟକୀୟ ସୂଚନା ଜାରି ରଖିବାକୁ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ତୈଳ କମ୍ପାନୀ କର୍ତୃପକ୍ଷଙ୍କୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି ।ରାଜ୍ୟରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧତା ନେଇ ତୈଳ କମ୍ପାନୀ କର୍ତୃପକ୍ଷମାନେ କେନ୍ଦ୍ର ସରକାରଙ୍କୁ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି, ତାହାର ଏକ ରିପୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଦୈନିକ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

କୌଣସି ଇନ୍ଧନ ଅଭାବ ରହିବ ନାହିଁ: ହରଦୀପ ସିଂହ ପୁରୀ

ନୂଆଦିଲ୍ଲୀ,୧୦।୩(ମହାଭାରତ): କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଙ୍ଗଳବାର ଦିନ ଆଶ୍ୱାସନା ଦେଇଛନ୍ତି ଯେ ଭାରତରେ ଘରୋଇ ଗ୍ରାହକମାନେ ପେଟ୍ରୋଲିୟମ୍ ଉତ୍ପାଦ (ପେଟ୍ରୋଲ୍, ଡିଜେଲ୍, ସିଏନ୍‌ଜି)ର କୌଣସି ଅଭାବର ସମ୍ମୁଖୀନ ହେବେ ନାହିଁ। ସେ ଆଶ୍ୱାସନା ଦେଇଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ଅଛି।

ଏକ୍ସ-ପୋଷ୍ଟରେ ଜାରି ଏକ ବିବୃତିରେ, କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ ଭାରତରେ ଘରୋଇ ଗ୍ରାହକମାନେ କୌଣସି ଇନ୍ଧନ ଅଭାବର ସମ୍ମୁଖୀନ ହେବେ ନାହିଁ। ସେ କହିଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ଅଛି ଏବଂ ବିଶ୍ୱ ଉତେଜନା ସତ୍ତ୍ୱେ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରାଯିବ।

ହରଦୀପ ସିଂହ ପୁରୀ ଆଶ୍ୱାସନା ଦେଇଛନ୍ତି ଯେ ଭାରତରେ ଘରୋଇ ଗ୍ରାହକମାନଙ୍କ ପାଇଁ କୌଣସି ଶକ୍ତି ଅଭାବ ରହିବ ନାହିଁ ଏବଂ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ପେଟ୍ରୋଲିୟମ୍ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ବିଭିନ୍ନ ଉତ୍ସ ଏବଂ ରାସ୍ତା ମାଧ୍ୟମରେ ଭାରତର ଶକ୍ତି ଆମଦାନୀ ଜାରି ରହିଛି।କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ସତ୍ତ୍ୱେ ଘରୋଇ ଗ୍ରାହକମାନଙ୍କୁ ସିଏନ୍‌ଜି ଏବଂ ପିଏନ୍‌ଜିରୁ ୧୦୦% ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି ଏବଂ ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ସେମାନଙ୍କ ଆବଶ୍ୟକୀୟ ଯୋଗାଣର ୭୦ ରୁ ୮୦% ପାଇବା ଜାରି ରଖିଛନ୍ତି।ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ ସରକାର ଘରୋଇ ଗ୍ରାହକଙ୍କୁ ସୁଲଭ ଶକ୍ତିର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ହରଦୀପ ସିଂହ ପୁରୀ ଏକ ବିବୃତିରେ କହିଛନ୍ତି ଯେ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ଅନୌପଚାରିକ ଆଲୋଚନା ସମୟରେ, ଆମେ ବିଭିନ୍ନ ଉତ୍ସ ଏବଂ ପଥରୁ ଭାରତରେ ଶକ୍ତି ଆମଦାନୀ ଜାରି ରଖିବା ବିଷୟରେ ଆଲୋଚନା କରିଛୁ। ସେ କହିଛନ୍ତି ଯେ ଘରୋଇ ଗ୍ରାହକଙ୍କ ପାଇଁ କୌଣସି ଅଭାବ ନାହିଁ ଏବଂ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ।

ଇଏସଆଇ ଡାକ୍ତରଖାନା ପାଇଁ ସରକାର ଦେଇଛନ୍ତି ୫ ଏକର ଜମି

ଭୁବନେଶ୍ୱର,୧୦।୩(ମହାଭାରତ); ଝାରସୁଗୁଡା ଠାରେ ଇଏସଆଇ ଡାକ୍ତରଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ୫ଏକର ସରକାରୀ ଜମି ଯୋଗାଇ ଦେଇଛନ୍ତି । ଏହି ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଏବେ ଇଏସଆଇ ମହାନିର୍ଦ୍ଦେଶକଙ୍କର ବିଚାରାଧିନ ରହିଛି ।

ଝାରସୁଗୁଡା ଜିଲ୍ଲାରେ ଇଏସଆଇ ଡାକ୍ତରଖାନା ନିର୍ମାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଇଏସଆଇର ପକ୍ଷରୁ ୨୦୨୨ ମସିହାରେ ଝାରସୁଗୁଡା ଜିଲ୍ଲାରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ ମିଳିଥିଲା ।

କର୍ମଚାରୀ ରାଜ୍ୟ ବୀମା ନିଗମର ୧୯୧ତମ ବୈଠକରେ ଝାରସୁଗୁଡା ଜିଲ୍ଲାରେ ୧୦୦ ଶଯ୍ୟା ଡାକ୍ତରଖାନା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା । ତଦନୁଯାୟୀ ରାଜ୍ୟ ସରକାର ଝାରସୁଗୁଡା ତହସିଲରେ ୫ଏକର ବିଶିଷ୍ଟ ସରକାରୀ ଜମି ଯୋଗାଇ ଦେଇଛନ୍ତି।

ଦୁଇ ଦିନ ବଢ଼ିଲା ନ୍ୟାୟ ସଂହିତା ପ୍ରଦର୍ଶନୀ

ଦୋଷୀ ସାବ୍ୟସ୍ତ ହାର ୮୭.୬% ବୃଦ୍ଧି ପାଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୩(ମହାଭାରତ); - ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି ଦେଖିବା ସହିତ ଏହି ପ୍ରଦର୍ଶନୀକୁ ଆଉ ଦୁଇ ଦିନ ବଢାଇବା ପାଇଁ ଘୋଷଣା କରିଛନ୍ତି।

ସୂଚନାଥାଉକି, ଆଜି ସମାପ୍ତ ହେବାକୁ ଯାଉଥିବା ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଦୁଇ ଦିନ ଅର୍ଥାତ ଚଳିତ ମାସ ବାର ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ ତାରିଖ ଦିନ ଏଠାରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ଏହି ପ୍ରଦର୍ଶନୀ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଗସ୍ତ ସମୟରେ ଉଦ୍‌ଘାଟିତ ହୋଇଥିଲା ।

ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ସଚେତନତା ବାର୍ତାବାହୀ ଏକ ପଥପ୍ରାନ୍ତ ନାଟକକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହିତ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ଗୃହ ବିଭାଗର ବିଭିନ୍ନ ଷ୍ଟଲ ଅତି ଉଚ୍ଚକୋଟିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା

ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଯେଉଁ ସଂକଳ୍ପ ରହିଛି, ତାହାର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା। ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ଏହି ନୂଆ ଆଇନର କାର୍ଯ୍ୟକାରୀତା ଓ ଏହାର ପ୍ରଭାବ ସମ୍ପର୍କରେ ସଚେତନ କରିବାରେ ଏକ ଉତମ ପଦକ୍ଷେପ । ଏହି ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଂଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୂଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତନ ଆସିଛି । ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଂଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୂଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତନ ଆସିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ଶେଷ ପର୍ଯ୍ୟନ୍ତ, ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬% ବୃଦ୍ଧି ପାଇଛି। ଏହା ଏକ ବିରାଟ ସଫଳତା। ଏହି ଆଇନ ଦ୍ୱାରା ତଦନ୍ତ ଠାରୁ ବିଚାର ପର୍ଯ୍ୟନ୍ତ ପ୍ରାୟ ସବୁ ଷ୍ଟେପ୍ ରେ ଉନ୍ନତି ଆସିଛି। ୨୦୨୫ ରେ ଜିରୋ ଏଫଆଇଆର ସଂଖ୍ୟା ୧୬୬ ପ୍ରତିଶତ ବୃଦ୍ଧି ପାଇଛି। ଏହି ଆଇନ ବ୍ୟତୀତ ଆମେ ପୋଲିସକୁ ଦକ୍ଷ କରିବା ପାଇଁ ଅନେକ ପଦକ୍ଷେପ ମଧ୍ୟ ନେଉଛୁ। ନ୍ୟାସନାଲ ଫରେନ୍‌ସିକ୍ ସାଇନ୍ସ ୟୁନିଭରସିଟି ଏବଂ ସେଂଟ୍ରାଲ ଫରେନ୍‌ସିକ୍ ସାଇନ୍‌ସ ଲାବ୍ରୋଟୋରୀ ପାଇଁ ଶିଳାନ୍ୟାସ କରାଯାଇଛି। ଆଧୁନିକ ଟେକ୍ନୋଲୋଜିରେ ପୋଲିସକୁ ପାରଙ୍ଗମ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ସହିତ ଏମଓୟୁ ହୋଇଛି। ପୋଲିସ୍ କୁ ବିଭିନ୍ନ ଆଧୁନିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସହ ମଧ୍ୟ ଏମଓୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ପୋଲିସର ସମସ୍ତ ଉଚ୍ଚ ପଦସ୍ତ ଅଧିକାରୀ ଉପସ୍ଥିତ ଥିବା ବେଳେ ବିଭିନ୍ନ ସ୍କୁଲ ଏବଂ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

ବିଜେଡ଼ି-ବିଜେପି ମୁହାଁମୁହିଁ

ଭୁବନେଶ୍ୱର,୧୦।୩(ମହାଭାରତ): ଆଜି ବିଧାନସଭାରେ ପ୍ରଶ୍ନକାଳରେ ପାନୀୟଜଳକୁ ପ୍ରସଙ୍ଗକୁ ନେଇ ଆଲୋଚନା ହେବା ବେଳେ ବିଜେଡ଼ି ଓ ବିଜେପି ବିଧାୟକ ମାନେ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା । ହେଲେ ବାଚସ୍ପତିଙ୍କ ହସ୍ତକ୍ଷେପ ପରେ ସ୍ଥିତି ସାମାନ୍ୟ ହୋଇ ପାରିଥିଲା ।

ପ୍ରଶ୍ନକାଳ ଆଲୋଚନା ବେଳେ ପଞ୍ଚାୟତିରାଜ ମନ୍ତ୍ରୀ ଉତ୍ତର ରଖୁଥିବା ବେଳେ କିଛି ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା । ୨୪ ବର୍ଷରେ ପୂର୍ବ ସରକାର ୨୬ ହଜାର ଟ୍ୟୁବ୍ ୱେଲ କରିଥିବା ବେଳେ ବିଜେପି ସରକାର ବର୍ଷେ ଭିତରେ ୨୬ ହାଜର ଟ୍ୟୁବୱେଲ କଲେଣି । ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଶ୍ନକାଳରେ ଏହି ତଥ୍ୟ ଉପସ୍ଥାପନ କଲା ବେଳେ ହଠାତ୍ ଉତକ୍ଷିପ୍ତ ହୋଇ ଉଠିଥିଲେ ବିଜେଡ଼ି ବିଧାୟକ । କିଛି ସମୟ ପାଇଁ ଗୃହରେ ଉଚ୍ଚବାଚ ସ୍ଥିତି ସୃଷ୍ଟି ହୋଇଥିଲା ।

ଆଲୋଚନା ବେଳେ ବିଧାୟକ ମାନେ ରାଜ୍ୟରେ ପିଇବା ପାଣି ନେଇ ଗୃହରେ ଉଦବେଗ ପ୍ରକାଶ କରିଛିଲେ । । ବିଧାୟକ ମାନେ ପ୍ରଶ୍ନ କରିଥିଲେ ଯେ କେବେ ସୁଦ୍ଧା ସବୁ ଘରକୁ ପିଇବା ପାଣି ଯୋଗାଇବେ ସରକାର ? ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ମାର୍ଚ୍ଚ ୨୦୨୭ ସୁଦ୍ଧା ସବୁ ଘରକୁ ପାଣି ଯୋଗାଇବା ପାଇଁ ଟାର୍ଗେଟ ରହିଛି । ନିର୍ଦ୍ଧାରିତ ୨୦୭ଟି ମେଗା ପ୍ରକଳ୍ପ କାମ ସାରିବା ପାଇଁ ଲକ୍ଷ୍ୟ ରହିଛି । ମାର୍ଚ୍ଚ ୫ ତାରିଖ ସୁଦ୍ଧା ୬୮ ଲକ୍ଷ ୪୭ ହଜାର ୭୫୨ ଅର୍ଥାତ୍ ୭୭ ପ୍ରତିଶତ ପରିବାରକୁ ପିଇବା ପାଣି ଯୋଗାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୨୬ ଟି ମେଗା ପ୍ରକଳ୍ପ ଶେଷ ହୋଇଛି । ଆଉ ମାର୍ଚ୍ଚ ସୁଦ୍ଧା ଆହୁରି ୨୮ଟି ମେଗା ପ୍ରକଳ୍ପ ଶେଷ ହେବ । ସେହିପରି ୪୪ ହଜାର ୫୩୧ ଗାଁରୁ ୧୧ ହଜାର ୭୭୭ ଗାଁରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ବିଗତ ସରକାର ବେଳେ କାମ ଧିମା ଚାଲିଥିଲା । ପୂର୍ବ ସରକାରଙ୍କ ଦୁର୍ଭାଗ୍ୟଜନକ ଡିପିଆର ଯୋଗୁଁ ଏବେ ୧୮ଟି ଇନଟେକ ୱେଲ କାମ ସ୍ଥାନାନ୍ତର କରିବାକୁ ପଡ଼ିଛି । ଏବେ ରାଜ୍ୟରେ ୫ ଲକ୍ଷ ୨୭ ହଜାର ୬୯୪ ଟ୍ୟୁବୱେଲ ଅଛି । ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଅତିରିକ୍ତ ପ୍ରଶ୍ନ ଉତ୍ତରରେ ମନ୍ତ୍ରୀ ପୂର୍ବ ସରକାରକୁ ସମାଲୋଚନା କରି କହିଥିଲେ ଗତ ୨୪ ବର୍ଷ ସରକାରରେ ଯେତିକି ନଳକୂପ ଦିଆଯାଇଥିଲା ବିଜେପି ସରକାରରେ ତା ଠୁ ଅଧିକ ଦିଆଯାଇଛି । ଏହାକୁ ନେଇ ବିଜେଡି ସଦସ୍ୟ ହୋ ହାଲ୍ଲା କରିଥିଲେ । ଜବାବରେ ବିଜେପି ବିଧାୟକ ମାନେ ମଧ୍ୟ ଜବାବ ଦେଇଥିଲେ । ତେବେ ବାଚସ୍ପତି ହସ୍ତକ୍ଷେପ ପରେ ନୀରବ ହୋଇଥିଲେ ଉଭୟ ଦଳ ବିଧାୟକ ।

ବେଲୁର ମଠରେ ମୁଖ୍ୟ ନିର୍ବାଚନ କମିଶନର

ହିଂସାମୁକ୍ତ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବା ପାଇଁ ପ୍ରତିବଦ୍ଧ

କୋଲକାତା,୧୦।୩(ମହାଭାରତ): ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ମଧ୍ୟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ମଙ୍ଗଳବାର ସକାଳେ ବେଲୁର ମଠ ଏବଂ ଦକ୍ଷିଣେଶ୍ୱରରେ ଅବସ୍ଥିତ ଦକ୍ଷିଣେଶ୍ୱର ଭବତାରିଣୀ ମନ୍ଦିରରେ ଦର୍ଶନ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ ରାଜ୍ୟରେ ହିଂସାମୁକ୍ତ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଇବା ପାଇଁ ନିର୍ବାଚନ ଆୟୋଗ ପୂର୍ଣ୍ଣରୂପେ ପ୍ରତିବଦ୍ଧ।

ତିନି ଦିନର ପଶ୍ଚିମବଙ୍ଗ ଦୌରାରେ ଥିବା ଜ୍ଞାନେଶ କୁମାର ମଙ୍ଗଳବାର ସକାଳ ପ୍ରାୟ ୭ଟା ସମୟରେ ବେଲୁର ମଠକୁ ପହଞ୍ଚିଥିଲେ। ସେଠାରେ ସେ ମୁଖ୍ୟ ମନ୍ଦିରରେ ପୂଜା-ଅର୍ଚ୍ଚନା କରିଥିଲେ ଏବଂ ମଠର ଅଧ୍ୟକ୍ଷ ସ୍ୱାମୀ ଗୌତମାନନ୍ଦ ମହାରାଜଙ୍କ ସହିତ ମିଳି ତାଙ୍କର ଆଶୀର୍ବାଦ ନେଇଥିଲେ। ସେ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ମଠ ପରିସରରେ ରହିଥିଲେ।

ବେଲୁର ମଠରୁ ବାହାରିବା ପରେ ସେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ଏଥର ନିର୍ବାଚନ ସମୟରେ କୌଣସି ପ୍ରକାରର ଅପ୍ରିୟ ଘଟଣା ଘଟିବାକୁ ଦିଆଯିବ ନାହିଁ ଏବଂ ଏହା ଉପରେ ବିଶେଷ ନଜର ରଖାଯିବ। ରାଜ୍ୟରେ ଶାନ୍ତିପୂର୍ଣ୍ଣ ଓ ହିଂସାମୁକ୍ତ ଭୋଟଗ୍ରହଣ ସୁନିଶ୍ଚିତ କରିବାକୁ ନିର୍ବାଚନ ଆୟୋଗ ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ସେ କହିଥିଲେ।ବେଲୁର ମଠରୁ ବାହାରିବା ପରେ ଜ୍ଞାନେଶ କୁମାର ଦକ୍ଷିଣେଶ୍ୱରରେ ଅବସ୍ଥିତ ଭବତାରିଣୀ ମନ୍ଦିରକୁ ମଧ୍ୟ ପହଞ୍ଚିଥିଲେ। ସେଠାକୁ ଯିବା ସମୟରେ ତାଙ୍କୁ କଳା ପତାକା ଦେଖାଯାଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି ।ଏହା ପୂର୍ବରୁ ସୋମବାର ଦିନ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜ୍ୟର ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ବୈଠକ କରିଥିଲେ। ସେଥିସହ ଭିନ୍ନ ରାଜନୈତିକ ଦଳମାନଙ୍କ ପ୍ରତିନିଧିମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ବୈଠକ ପରେ ନିର୍ବାଚନ ଆୟୋଗର ପୂର୍ଣ୍ଣ ପୀଠ କହିଥିଲା ଯେ କିଛି ସ୍ଥାନରେ କିଛି ସମସ୍ୟା ଥାଇପାରେ, କିନ୍ତୁ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ପାଇଁ ଉପଯୁକ୍ତ ପରିବେଶ ରହିଛି।

ପୂର୍ବତଟ ରେଳପଥ ଦେଇ ଦୁଇ ନୂତନ ଅମୃତ ଭାରତ ଏକ୍ସପ୍ରେସ ଚଳାଚଳ କରିବ

ଭୁବନେଶ୍ୱର, ୧୦।୩(ମହାଭାରତ): ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ପୂର୍ବ ତଟ ରେଳପଥ ର କ୍ଷେତ୍ରାଧିକାର ଦେଇ ଯିବାକୁଥିବା ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ପ୍ରଚଳନ କରିଛି। ଏହି ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ ସୁଲଭ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବା ସହିତ ଉତର-ପୂର୍ବ ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ ଅଂଚଳଗୁଡ଼ିକୁ ସଂଯୋଗ କରିବ।

କାମାକ୍ଷା – ଚର୍ଲାପାଲ୍ଲି ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ, ଭାରତର ଉତର-ପୂର୍ବ ଏବଂ ଦକ୍ଷିଣ ଭାଗ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରା ସମୟରେ, ଏହି ଟ୍ରେନ୍ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଶ୍ରୀକାକୁଲମ୍ ଏବଂ ବିଶାଖାପାଟଣାମ୍ ଦେଇ ଚଳାଚଳ କରିବ, ଯାହା ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତକୁ ଉନ୍ନତ ସଂଯୋଗ ପ୍ରଦାନ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହି ଟ୍ରେନଟି ପ୍ରତି ରବିବାର କାମାକ୍ଷାରୁ ଏବଂ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ପ୍ରସ୍ଥାନ କରିବ।ପୋତନୁର-ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ତାମିଲନାଡୁର ପୋତନୁରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହର ଧନବାଦ ସହିତ ସଂଯୋଗ କରିବ।ଟ୍ରେନଟି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲା ଯଥା ବିଶାଖାପାଟଣାମ୍, ବିଜୟନଗରମ୍, ପାର୍ବତୀପୁରମ୍ ମାନ୍ୟମ୍, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଚଳାଚଳ କରିବ, ଯାହା ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତର କୋଇଲା ବେଲ୍ଟ ଅଂଚଳ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ୍ ପ୍ରତି ଶନିବାର ପୋତନୁରରୁ ଏବଂ ପ୍ରତି ସୋମବାର ଧାନବାଦରୁ ଛାଡ଼ିବ।

ଜଙ୍ଗଲରେ ନିଆଁ

୩ ବର୍ଷ ମଧ୍ୟରେ ନଷ୍ଟ ହୋଇଛି ୨୨,୨୯୩ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର୧୦।୩(ମହାଭାରତ):: ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାରେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ୨୨,୨୯୩ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ମଙ୍ଗଳବାର ରାଜ୍ୟ ବିଧାନସଭାରେ ଏନେଇ ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ।୧ ବିଜେଡି ବିଧାୟକ ପ୍ରସାନ୍ତ ବେହେରାଙ୍କ ପ୍ରଶ୍ନରେ ଲିଖିତ ଉତ୍ତରରେ ସେ କହିଛନ୍ତି ଯେ ୨୦୨୨ ମସିହାରେ ୮,୪୬୨ ହେକ୍ଟର, ୨୦୨୩ ମସିହାରେ ୯,୭୬୪ ହେକ୍ଟର ଏବଂ ୨୦୨୪ ମସିହାରେ ଏପର୍ଯ୍ୟନ୍ତ ୪୦୬୭ ହେକ୍ଟର ଜମି ନଷ୍ଟ ହୋଇଛି।

ଏହି ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ନିଆ।ଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ମନ୍ତ୍ରୀ ଆ।ଲୋଚନା ମଧ୍ୟ କରିଛନ୍ତିୟ ଜଙ୍ଗଲ ଅଞ୍ଚଳ ଭିତରେ ଏବଂ ସୀମାରେ ଅଗ୍ନି ସଂଯୋଗୀକରଣ ବ୍ୟବସ୍ଥା ସୃଷ୍ଟି କରାଯାଇଛି। ସୂଚନା ବୋର୍ଡ, ବ୍ୟାନର ଏବଂ ବିଜ୍ଞାପନ ଦ୍ୱାରା ସମର୍ଥିତ କମ୍ପାର୍ଟମେଣ୍ଟ ଏବଂ ରେଞ୍ଜ ସ୍ତରରେ ସଚେତନତା ଅଭିଯାନ କରାଯାଉଛି। ମକ୍ ଡ୍ରିଲ୍ ସ୍ଥାନୀୟ ସମ୍ପ୍ରଦାୟ ଏବଂ କର୍ମଚାରୀମାନଙ୍କୁ ଅଗ୍ନି ନିବାରଣ ବିଷୟରେ ତାଲିମ ଦେଉଛି।

ସରକାର ୧,୦୩୭ ପତ୍ର ଫୁଙ୍କିବା ଯନ୍ତ୍ର, ଯାନବାହନ, ଅଗ୍ନି ନିର୍ବାପନ ଉପକରଣ ଏବଂ ସୁରକ୍ଷା କିଟ୍ ସହିତ ସଜ୍ଜିତ ୩୩୪ ପ୍ରଶିକ୍ଷିତ ଅଗ୍ନି ସୁରକ୍ଷା ଦଳ ଗଠନ କରିଛନ୍ତି। ଗ୍ରାମ ବନ ସୁରକ୍ଷା କମିଟି ସେମାନଙ୍କର ସମ୍ପୃକ୍ତି ଆ।ଧାରରେ ସହାୟତା ପାଣ୍ଠି ପାଉଛନ୍ତିୟ ପ୍ରକୃତ ସମୟ ମନିଟରିଂ ପାଇଁ ଜଙ୍ଗଲ ଯାଞ୍ଚ ପୋଷ୍ଟଗୁଡ଼ିକରେ ଇଓ/ଗଖ କ୍ୟାମେରା ସ୍ଥାପନ କରାଯାଇଛି । ରାଜ୍ୟ ମୁଖ୍ୟାଳୟ ଏବଂ ଡିଭିଜନ କାର୍ଯ୍ୟାଳୟଗୁଡ଼ିକରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ସ୭ କାର୍ଯ୍ୟ କରୁଛିୟ ଭାରତୀୟ ବନ ସର୍ବେକ୍ଷଣ ରୁ ଅପଡେଟ୍ ଦ୍ୱାରା ଅଗ୍ନି ସତର୍କତା ପାଇବା ପାଇଁ କର୍ମଚାରୀଙ୍କ ମୋବାଇଲ୍ ନମ୍ବରଗୁଡ଼ିକ ପଞ୍ଜୀକୃତ ହୋଇଥାଏୟ ସିଂହଖୁଣ୍ଟିଆ। ଗୁରୁତ୍ୱାରୋପ କରିଥିଲେ ଯେ ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ଗ୍ରୀଷ୍ମ ଋତୁରେ କ୍ଷତିକୁ କମ କରିବା ଏବଂ ଜଙ୍ଗଲ ପରିଚାଳନାକୁ ସୁଦୃଢ଼ କରିବ।

ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା-ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

ପ୍ରସ୍ତୁତ ପ୍ରଣାଳୀ : ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସି କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଚର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ । ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ

ଖବର

କାନ୍ଦି କାନ୍ଦି କ୍ଷମା ମାଗିଲେ ସୁନିଧି ଚେହ୍ୱାନ

ବଲିଉଡର ଜଣାଶୁଣା ଗାୟିକା ସୁନିଧି ଚେହ୍ୱାନଙ୍କ ଅନେକ ଫ୍ୟାନ ଅଛନ୍ତି । ତାଙ୍କ ଗୀତ ଶ୍ରୋତାଙ୍କ ମନ ମୋହିଥାଏ । ତାଙ୍କ ଲାଇଭ୍ ଶୋ'ରେ ମଧ୍ୟ ଶ୍ରୋତାଙ୍କ ଭିଡ଼ ଜମିଥାଏ । ନିକଟରେ, ଗାୟିକା ଏକ କନସର୍ଟ ପାଇଁ ଲକ୍ଷ୍ନୌ ଯାଇଥିଲେ । ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି । ଏହି ଭାଇରାଲ ଭିଡିଓରେ ସୁନିଧି ମଞ୍ଚ ଉପରେ କାନ୍ଦୁଥିବା ଏବଂ ଦର୍ଶକଙ୍କୁ କ୍ଷମା ମାଗୁଥିବାର ଦେଖାଯାଇଛି ।ପ୍ରକୃତରେ, ସୁନିଧି ଏହି ଭିଡିଓରେ ଦର୍ଶକଙ୍କୁ କ୍ଷମା ମାଗୁଛନ୍ତି କାରଣ ତାଙ୍କର ଗଳାରେ ଏକ ଗମ୍ଭୀର ସମସ୍ୟା ଥିଲା, ଏବଂ ସେହି ସମସ୍ୟା ତାଙ୍କ କଣ୍ଠସ୍ୱରରେ ସ୍ପଷ୍ଟ ଥିଲା । ତଥାପି, ଗାୟିକା ଦର୍ଶକଙ୍କୁ ନିରାଶ କରିନଥିଲେ ଏବଂ ଗଳା ସଂକ୍ରମଣ ସ□ତ୍ତ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ । ଦର୍ଶକ ସୁନିଧିଙ୍କ ସମସ୍ୟାକୁ ବୁଝିପାରିଥିଲେ ଏବଂ ତାଙ୍କ ପ୍ରଦର୍ଶନକୁ ପୂର୍ଣ୍ଣ ଉପଭୋଗ କରିଥିଲେ ।ଠିକ୍ ଭାବରେ ପ୍ରଦର୍ଶନ କରି ନପାରି, ସୁନିଧି ମ□ ଉପରେ କାନ୍ଦିବାକୁ ଲାଗିଲେ, ଏବଂ ତାଙ୍କ କଷ୍ଟ ଦେଖି ତାଙ୍କ ପ୍ରଶଂସକମାନେ ଗଭୀର ଭାବରେ ଭାବପ୍ରବଣ ହୋଇଗଲେ । ଯେତେବେଳେ ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେଲା, ଲୋକମାନେ ସୁନିଧିଙ୍କୁ ପ୍ରଶଂସା କଲେ ।

ପେଚା କାହିଁକି ରାତିରେ ଦେଖିପାରେ

ପେଚା ଯେତିକି ଭୟଙ୍କର ସେତିକି ବୁଦ୍ଧିମାନ ମଧ୍ୟ । କେହି କେହି ପେଚାକୁ ବୋକା ବୋଲି ଭାବିଥାନ୍ତି । କିନ୍ତୁ ପେଚା ବିଷୟରେ ଏମିତି କିଛି ଖାସ୍ କଥା ଅଛି ଯାହା ଅଧିକାଂଶ ଲୋକେ ଜାଣି ନ ଥିବେ । ତେବେ ଜାଣନ୍ତୁ ଏ ସମ୍ପର୍କରେ : ପେଚା ମା' ଲକ୍ଷ୍ମୀଙ୍କ ବାହନ ଅଟେ । ପୃଥିବୀରେ ୨୦୦ରୁ ଅଧିକ ପ୍ରଜାତିର ପେଚା ଅଛନ୍ତିୟ କେବଳ ଆଣ୍ଟାର୍କଟିକାକୁ ଛାଡ଼ିଦେଲେ ବିଶ୍ୱର ସମସ୍ତ ସ୍ଥାନରେ ପେଚା ଦେଖିବାକୁ ମିଳିଥାନ୍ତି । ପେଚା ଏକମାତ୍ର ପକ୍ଷୀ ଯିଏକି, ନୀଳରଙ୍ଗକୁ ଭଲ ଭାବରେ ଦେଖିପାରେ । ବର୍ଷକୁ ପ୍ରାୟ ୧ ହଜାର ମୂଷା ମାରି ଏହା ଖାଇଥାଏ । ପେଚା ଏମିତି ଏକ ପକ୍ଷୀ ଯିଏ ନିଜ ଶରୀର ନ ବୁଲାଇ ମୁଣ୍ଡକୁ ୨୭୦ ଡିଗ୍ରୀରେ ବୁଲାଇଥାଏ । ଯାହା ଦ୍ୱାରା ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜିନିଷକୁ ଦେଖିପାରେ । ଯେକୌଣସି ବସ୍ତୁର ଥ୍ରୀ ଡି ଇମେଜ ମଧ୍ୟ ଏହା ଦେଖିପାରେ । ଛବିର ଲମ୍ବ, ଚଉଡ଼ାକୁ ବେଶ୍ ଭଲ ଭାବେ ଦେଖିପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦିବାଲୋକରେ ପେଚାକୁ

ଦେଖାଯାଏ ନାହିଁ । ରାତିରେ ଏହା ମଣିଷଠାରୁ ମଧ୍ୟ ବେଶ୍ ଭଲ ଭାବେ ଦେଖିପାରିଥାଏ । ଏହାର ଏକ କାରଣ ରହିଛି । ମଣିଷ ଆଖି ଭିତରେ ରଡ୍ସ ଏବଂ କୋନ୍ ରହିଛି । ରଡ୍ସରେ ଦେଖିବା ଶକ୍ତି ଥିବାବେଳେ କୋନ୍ ରଙ୍ଗ ଚିହ୍ନିପାରେ । କିନ୍ତୁ ପେଚା ଆଖିରେ କମ୍ କୋନ୍ ଏବଂ ଅଧିକ ରଡ୍ ରହିଛି । ଏଥିପାଇଁ ଅନ୍ଧାରରେ ଏହା ଭଲ ଭାବରେ ଦେଖିପାରେ । ଏହା ବ୍ୟତୀତ ପେଚା ଆଖିରେ ପ୍ରୋଟିନରୁ ତିଆରି ହୋଇଥିବା ଲାଲ୍ ରଙ୍ଗର ଏକ ପଦାର୍ଥ ରହିଛି । ଯାହା ଦ୍ୱାରା ରାତି ହେଲେ ଏହାର ଆଖି ଅଧିକ ସମ୍ବେଦନଶୀଳ ହୋଇଉଠେ । ଆହୁରି ଅନେକ କାରଣ ଯୋଗୁ ପେଚାକୁ ରାତିରେ ଭଲ ଭାବରେ ଦେଖାଯାଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି ।

ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ପାଇଁ ଫେଙ୍ଗ୍‌ଶୁଇ ଟିପ୍ସ

୧. ଯୋଡ଼ା ମାଛକୁ ଘରେ ରଖିବା ଶୁଭ । କୁହାଯାଏ କି, ଘରେ ଏହି ପକ୍ଷୀମାନଙ୍କ ଏକ ଯୋଡ଼ା ପ୍ରତିମା ରଖିବା ଶୁଭ ବୋଲି ବିବେଚନା କରାଯାଏ । ଫେଙ୍ଗ୍‌ଶୁଇ ଶାସ୍ତ୍ର ଅନୁଯାୟୀ, ଏହା ଦାମ୍ପତ୍ୟ ଜୀବନରେ ସମୃଦ୍ଧତା ଆଣିଥାଏ ।

୩. ଫେଙ୍ଗଶୁଇ ଅନୁସାରେ, ଘରେ କଳା ରଙ୍ଗର କଇଁଚ, ନାଲି ପକ୍ଷୀ, ଧଳା ଡ୍ରାଗନର ଫଟୋ ରହିବା ଶୁଭ ଅଟେ । କୁହାଯାଏ କି ଘରେ ନେଗେଟିଭ୍ ଶକ୍ତି ପ୍ରବେଶ କରିପାରିବ ନାହିଁ ।

୪. ଘରେ ନଦୀ ବା ଝରଣାର ଫଟୋକୁ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ୍ । ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ ।

୫. ଯଦି ଆପଣଙ୍କ ଅଫିସରେ ବଡ଼ ହଲ୍ ଅଛି, ତାହେଲେ ଫେଙ୍ଗଶୁଇ ଅନୁସାରେ ଧାତୁରେ ତିଆରି କୌଣସି ଜିନିଷ ରଖିବା ଶୁଭ ହୋଇଥାଏ । କୁହାଯାଏ କି, ଏହାଦ୍ୱାରା ଧନବୃଦ୍ଧିରେ ସମସ୍ୟା ଆସେ ନାହିଁ ।

୬. ଫେଙ୍ଗଶୁଇ ଅନୁସାରେ, ସବୁଜ ଗଛକୁ ମାଟିର ପାତ୍ରରେ ଘର ଭିତରେ ପୂର୍ବ ଦିଗରେ ରଖିବା ଉଚିତ୍ । ଏଭଳି କରିବା ଦ୍ୱାରା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆସିଥାଏ ।

ଚିନ୍ତାମଣି ବିନାୟକ

ରାଜା ଅଭିଷେକ ଏବଂ ତାଙ୍କ ରାଣୀ ଗୁଣବତୀଙ୍କର କେହି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଦୁଃଖରେ ଥିଲେ । ଥରେ ସେମାନେ ଜଣେ ଋଷିଙ୍କୁ ଦେଖା କରି ନିଜର ସମସ୍ୟା ଜଣାଇଲେ । ଋଷିଙ୍କ ନିର୍ଦ୍ଦେଶ ମୁତାବକ ପୂଜା କରିବାରୁ ରାଜା ଓ ରାଣୀଙ୍କର ଏକ ସୁନ୍ଦର ପୁତ୍ର ଜାତ ହେଲା । ପୁତ୍ରର ନାଁ ରଖାଗଲା ଗଣ । ଗଣ ବଡ଼ ହୋଇ ଭଗବାନ ଶିବଙ୍କୁ ତପସ୍ୟା କଲା । ମହାଦେବ ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ତା'କୁ ବରଦାନ ଦେଲେ । ମହାଦେବଙ୍କ ଠାରୁ ଶକ୍ତିଶାଳୀ ହେବାର ବରଦାନ ପାଇଁ ଗଣ ଅତ୍ୟାଚାରୀ ହୋଇଉଠିଲା । ଦିନେ ଗଣ ନିଜ ସୈନ୍ୟଙ୍କ ସହ ଶିକାରରେ ବାହାରିଲା । ବହୁ ସମୟ ଧରି ବୁଲିବା ପରେ ମଧ୍ୟ ତା' ଭାଗ୍ୟରେ ଶିକାରଟିଏ ଜୁଟିଲା ନାହିଁ । ଗଣ ଓ ତା'ର ସୈନ୍ୟମାନେ ଜଙ୍ଗଲରେ ବୁଲୁ ବୁଲୁ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ମୁନି ସେମାନଙ୍କୁ ଖାଇବା ପାଇଁ ଆମନ୍ତ୍ରଣ କଲେ । ମୁନିଙ୍କ ନିକଟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଚିନ୍ତାମଣି ଥିଲା । ସେହି ଚିନ୍ତାମଣିକୁ ମୁନି ଖାଦ୍ୟ ମାଗି ରାଜକୁମାର ଗଣ ଓ ତା'ର ସୈନ୍ୟମାନଙ୍କୁ ପରଷି ଦେଲେ । ସ୍ୱାର୍ଥପର ଗଣ ମୁନିଙ୍କୁ ସେହି ମଣି ମାଗିଲା । କପିଳ ମୁନି ତା'କୁ ଚିନ୍ତାମଣି ଦେବାକୁ ମନା କରିଦେଲେ । ମାତ୍ର ଗଣ ବଳପୂର୍ବକ ମୁନିଙ୍କ ଠାରୁ ମଣିଟିକୁ ଛଡ଼ାଇ ନେଲା । ନିରାଶ ହୋଇ ମୁନି କପିଳ ଭଗବାନ ଗଣେଶଙ୍କୁ ଡାକିଲେ । ଗଣେଶ ପ୍ରକଟ ହୋଇ କପିଳ ମୁନିଙ୍କୁ ଚିନ୍ତାମଣି ଫେରାଇ ଆଣିବା ଲାଗି ପ୍ରତିଶ୍ରୁତି ଦେଲେ । ଏହାପରେ ଗଣକୁ ସ୍ୱପ୍ନାଦେଶ ହେଲା । ଚିନ୍ତାମଣି ଫେରାଇ ଦେବାକୁ ଗଣେଶ ତା'କୁ ସ୍ୱପ୍ନରେ କହିଲେ । ମାତ୍ର ସ୍ୱପ୍ନାଦେଶକୁ ଖାତିର କଲା ନାହିଁ ଗଣ । ସେ ଗଣେଶଙ୍କ ସହ ଯୁଦ୍ଧ କରିବାକୁ ବାହରିଲା । ଘମାଘୋଟ ଯୁଦ୍ଧ ହେଲା । ଶେଷରେ ଗଣେଶଙ୍କ ହାତରେ ଗଣର ପ୍ରାଣଗଲା । ସେଥିପାଇଁ ଗଣେଶଙ୍କୁ ଗଣନାୟକ କୁହାଯାଇଥାଏ । ଗଣେଶ ଚିନ୍ତାମଣି ଆଣି କପିଳମୁନିଙ୍କୁ ଦେଲେ । ମାତ୍ର ମୁନି କହିଲେ, ଏହି ମଣି ସର୍ବଦା ମୋ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଆପଣ ଏହାକୁ ନିଜ ପାଖରେ ରଖନ୍ତୁ । ଗଣେଶ ଚିନ୍ତାମଣି ନିଜ ପାଖରେ ରଖିଲେ । ଏହି ଘଟଣା ପରେ କପିଳ ମୁନି ଗଣେଶଙ୍କ ଏକ ମନ୍ଦିର ପ୍ରତିଷ୍ଠା କଲେ । ସେହି ମନ୍ଦିର ଚିନ୍ତାମଣି ବିନାୟକ ମନ୍ଦିର ଭାବେ ପ୍ରସିଦ୍ଧ ହେଲା । ଯାହା ଏବେ ମହାରାଷ୍ଟ୍ରର ପୁନେ ସହର ନିକଟରେ ଥିବା ଅଷ୍ଟ ବିନାୟକ ମନ୍ଦିର ମଧ୍ୟରୁ ଅନ୍ୟତମ ।

ନୀରବରେ ଆରମ୍ଭ ହୁଏ କିଡ଼ନୀ ସମସ୍ୟା

ଜଣେ ବ୍ୟକ୍ତିର ସାମଗ୍ରିକ ସ୍ୱାସ୍ଥ୍ୟରେ ବୃକକ୍ (କିଡ଼ନୀ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶରୀର ମଧ୍ୟରୁ ବର୍ଜ୍ୟବସ୍ତୁ ବାହାର କରିବା, ତରଳ ଏବଂ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବଜାୟ ରଖିବା, ରକ୍ତଚାପ ନିରୀକ୍ଷଣ କରିବା ଏବଂ ଲାଲ ରକ୍ତ କଣିକା ସୃଷ୍ଟିରେ କିଡ଼ନୀ ସହାୟତା କରିଥାଏ । କିନ୍ତୁ କିଡ଼ନୀ ଜନିତ କୌଣସି ସମସ୍ୟା ଦେଖାଦେଲେ ମଧ୍ୟ ତାହାକୁ ଅନ୍ୟାନ୍ୟ ରୋଗ ଭଳି ଆମେ ଅଣଦେଖା କରିଥାଉ । ତାହେଲେ ଆସନ୍ତୁ ଜାଣିବା କିଡ଼ନୀ ରୋଗର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ ।

୧. ନିରନ୍ତର ଥକାପଣ ଏବଂ ଦୁର୍ବଳତ:

ବୃକକ୍ ସମସ୍ୟା ଆରମ୍ଭ ହେଲେ ରକ୍ତରେ ବିଷାକ୍ତ ପଦାର୍ଥ ଜମା ହୋଇଥାଏ, ଯାହା ଶକ୍ତି ସ୍ତରକୁ ପ୍ରଭାବିତ କରେ । ଏହା ବ୍ୟତୀତ, ଯେତେବେଳେ ବୃକକ୍ ପର୍ଯ୍ୟାପ୍ତ ପରିମାଣରେ ଏରିଥ୍ରୋପୋଏଟିନ୍ ଉତ୍ପାଦନ କରିବାରେ ବିଫଳ ହୁଏ - ତାହା ରକ୍ତହୀନତା ସୃଷ୍ଟି କରିପାରେ । ଅନେକ ଦିନ ଧରି ଥକାପଣ ବା ଅଳସୁଆ ଭଳି ଲାଗିବା, ଏକାଗ୍ରତାର ଅଭାବ ଏବଂ ଅଳ୍ପ କାମ କରିବା ପରେ କ୍ଲାନ୍ତ ଅନୁଭବ କରିବା ମଧ୍ୟ କିଡ଼ନୀ ସମସ୍ୟାର କାରଣ ହୋଇପାରେ ।

୨. ପରିସ୍ରା ଅଭ୍ୟାସରେ ପରିବର୍ତ୍ତନ: ବାରମ୍ବାର ପରିସ୍ରା ଲାଗିବା, ପରିଶ୍ରା ରଙ୍ଗ କିମ୍ବାରେ ପରିବର୍ତ୍ତନ ସାଧାରଣତଃ ବୃକକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ କିନ୍ତୁ ଏହାକୁ କ୍ୱଚି ଗମ୍ଭୀରତାର ସହିତ ବିଚାର କରାଯାଏ । ରାତି ସମୟରେ ବାରମ୍ବାର ପରିସ୍ରା ଲାଗିବା, ବୁନ୍ଦା ବୁନ୍ଦା ପରିସ୍ରା ହେବା କିମ୍ବା ଫେଣଯୁକ୍ତ ପରିସ୍ରା (ଯାହା ପ୍ରୋଟିନ୍ ହ୍ରାସକୁ ସୂଚିତ କରେ), ପରିସ୍ରାରେ ରକ୍ତ ପଡିବା, କିମ୍ବା ଅତ୍ୟଧିକ ଗାଢ଼ ପରିସ୍ରା ସମ୍ଭାବ୍ୟ ବୃକକ୍ ଆଘାତର ସୂଚକୟ ଏହି ପରିବର୍ତ୍ତନଗୁଡ଼ିକ ସାମାନ୍ୟ ଲାଗୁଥିଲେ ମଧ୍ୟ ମଧ୍ୟ ଅଣଦେଖା କଲେ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ ।

୩. ପାଦ, ଗୋଡ଼ କିମ୍ବା ମୁହଁରେ ଫୁଲା:

ଯଦି ବୃକକ୍ ଶରୀରରୁ ଅତିରିକ୍ତ ସୋଡିୟମ୍ ଏବଂ ତରଳ ପଦାର୍ଥ ସଫା କରିପାରିବ ନାହିଁ, ତେବେ ଏହା ଫୁଲା ସୃଷ୍ଟି କରେ ଯାହା ସହଜରେ ଦେଖାଯାଏ । ବିଶେଷକରି ଗୋଡ଼ ଏବଂ ଆଖି ଚାରିପାଖରେ ଫୁଲିବା ଜଣାପଡ଼ିଥାଏ । ରୋଗୀମାନେ ପ୍ରାୟତଃ ଦୀର୍ଘ ସମୟ ଧରି ଠିଆ ହେବା କିମ୍ବା ଖରାପ ଖାଇବାକୁ ଦାୟୀ କରନ୍ତି, କିନ୍ତୁ ଏହା ବୃକକ୍ ଜନିତ ସମସ୍ୟା ହୋଇପାରେ ।

୪. କୁଣ୍ଡାଇ ହେବା କିମ୍ବା ଚର୍ମରେ ପରିବର୍ତ୍ତନ

ବୃକକ୍ ଦୁର୍ବଳତାର ଏକ କମ୍ ପରିଚିତ ଲକ୍ଷଣ ହେଉଛି ଲଗାତାର କୁଣ୍ଡାଇ ହେବା ।ଏହା ରକ୍ତରେ ଥିବା କ୍ୟାଲସିୟମ୍ ଏବଂ ଫସଫରସ୍ ଭଳି ଅସନ୍ତୁଳନ ଯୋଗୁଁ ହୁଏ ।

୫. ଭୋକ ହ୍ରାସ, ଧାତୁ ସ୍ୱାଦ, କିମ୍ବା ବାନ୍ତି

ବୃକକ୍ ସମସ୍ୟା ଦେଖା ଦେଲେ, ଶରୀର ୟୁରେମିକ୍ ବିଷାକ୍ତ ପଦାର୍ଥ ସଂଗ୍ରହ କରେ, ପାଟିକୁ ସ୍ୱାଦ ନ ଲାଗିବା, ଶ୍ୱାସ ଦୁର୍ଗନ୍ଧ ହେବା, ବାନ୍ତି, କିମ୍ବା ଭୋକ ହ୍ରାସ ଭଳି ପାକସ୍ଥଳୀ ଲକ୍ଷଣ ସୃଷ୍ଟି କରେ । ଏହି ଲକ୍ଷଣଗୁଡ଼ିକୁ ସାଧାରଣତଃ ପାଚନ ସମସ୍ୟା ଭାବରେ ଭୁଲ ବ୍ୟାଖ୍ୟା କରାଯାଏ ।

ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଅନୁଭବ କରୁଛନ୍ତି - ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, ବୃକକ୍ ରୋଗର ପାରିବାରିକ ଇତିହାସ, କିମ୍ବା ଯନ୍ତ୍ରଣା ହ୍ରାସ ଔଷଧର ଦୀର୍ଘକାଳୀନ ବ୍ୟବହାର କରୁଛନ୍ତି, ତୁରନ୍ତ ବୃକକ୍ ପରୀକ୍ଷା କରନ୍ତୁ । ବୃକକ୍ ସ୍ୱାସ୍ଥ୍ୟ ବଜାୟ ରଖିବାର ରହସ୍ୟ ହେଉଛି ସଚେତନତା ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ।

ନାରୀ ସଶକ୍ତୀକରଣକୁ ସ୍ୱତନ୍ତ୍ରତାର ରୂପ ଦେଇଛି ବିଜେପି

ଭୁବନେଶ୍ୱର,୧୦।୩ (ମହାଭାରତ): ଭାରତୀୟ ଜନତା ପାର୍ଟି ମହିଳାମାନଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ନାରୀ ଶକ୍ତି ସାମାଜିକ, ରାଜନୈତିକ, ଅର୍ଥନୈତିକ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ। ଆଜିର ନାରୀ ଆଉ ଅବଳା ନୁହେଁ, ଚାଷ କ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ, ଉଡାଜାହାଜ ଓ ରକେଟ ଚଲାଇବା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଆଗରେ ରହିଛି। ନାରୀ ଶକ୍ତିର ଏହି ସଫଳତା ପାଇଁ ଆମେ ସମସ୍ତେ ଗର୍ବିତ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସବୁକ୍ଷେତ୍ରରେ ନାରୀମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ସେମାନଙ୍କୁ ଆଗକୁ ଆଣିବା ପାଇଁ ଭରପୁର ଉଦ୍ୟମ କରାଯାଇଛି। ବିଜେପି ଶାସନରେ ଆଜିର ମହିଳା ଉନ୍ନତି ପଥରେ ଅଗ୍ରସର ହୋଇଛି। ନାରୀ ସଶକ୍ତୀକରଣକୁ ସ୍ୱତନ୍ତ୍ରତାର ରୂପ ବିଜେପି ସରକାର ଦେଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

୨୦୧୪ରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶର ଶାସନ ଭାର ସମ୍ଭାଳି ଥିଲେ ଏହାପରେ ମହିଳା ଶସକ୍ତୀକରଣ ପାଇଁ ସେ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ମାତ୍ର ୮ ମାସ ପରେ ବେଟି ବଚାଓ ଓ ବେଟି ପଢ଼ାଓ ଯୋଜନା କରଥିଲେ। ମାନନୀୟ ମୋଦିଜୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାର ମଧ୍ୟ ମହିଳାଙ୍କ ବିକାଶ ପାଇଁ ଗତ ୨ ବର୍ଷ ହେବ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି। ଆଜି ଏହି ଯୋଜନାର ୪ କିସ୍ତିରେ ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାର ସଫଳ ରୂପାୟନ, ଓଡ଼ିଶାର ମା' ଭଉଣୀମାନଙ୍କର ଉଦ୍ୟୋଗୀ ହେବାର ସ୍ୱପ୍ନକୁ ପୂରଣ କରୁଛି। ଏହା ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ପରିବାରରେ ମା' ଭଉଣୀଙ୍କ ସମ୍ମାନ ବଢ଼ିଛି। ଲକ୍ଷପତି ଦିଦି ବନେଇବାରେ ସାରା ଦେଶରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ରହିଛି। ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା ଏକତ୍ର ଭାବେ ଓଡ଼ିଶା ସରକାର କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଝିଅ ଜନ୍ମଠାରୁ ପାଠ ପଢ଼ା ପର୍ଯ୍ୟନ୍ତ ଚିନ୍ତା ଦୂର ହୋଇଯାଇଛି। ସେହିପରି ଆର୍ଥିକ ଅନ୍ତଗ୍ରସର ମହିଳାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆରମ୍ଭ କରାଯାଇଛି। କନ୍ୟାସନ୍ତାନ ଜନ୍ମକୁ ପୋସାହିତ କରିବା ପାଇଁ ବିଜେପି ସରକାର ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଆରମ୍ଭ କରିଛନ୍ତି। ବିଜେପି ସରକାର ସବୁବେଳେ ମହିଳାଙ୍କ ବିକାଶକୁ ପ୍ରାଥମିକତା ଦେଉଛି।

ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଥିଲେ ଯେ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ସେ ମହିଳା ସଶକ୍ତୀକରଣ ପାଇଁ ଏପରି ଯୋଜନା ସବୁ ଆଣିଛନ୍ତି ଯାହା ଭାରତରେ ବାକି କୌଣସି ରାଜ୍ୟରେ ଦେଖିବାକୁ ମିଳିବ ନାହିଁ। ନିର୍ବାଚନ ବେଳେ ମହିଳାଙ୍କ ଉନ୍ନତି ପାଇଁ ବିଜେପି ସରକାର ଯାହା ସବୁ ଘୋଷଣା କରିଥିଲା ତାହା ସବୁ ପୂରଣ କରିଛନ୍ତି।

ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୯ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ମାଝୀ ଉତରୀୟ ଏବଂ ଫଳକ ଦେଇ ସମ୍ମାନିତ କରିଥିଲେ। ସେମାନେ ହେଲେ ସୁନାମଧନ୍ୟ ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ମାର୍ଶଲଆର୍ଟ ପାଇଁ ସରୁବାଲି ନାୟକ, ବିଶିଷ୍ଟ ଧାବିକା ଦୂତୀ ଚାନ୍ଦ, ରାଜ୍ୟ ସିନିୟର ଆଥଲେଟିକ୍ସର ଚାମ୍ପିୟନସିପ୍ ୨୦୨୪ର ୩୦୦୦ ମିଟର ଷ୍ଟିପଲଚେଜର ସ୍ୱର୍ଣ୍ଣପଦକ ବିଜେତା ପୂଜା ବେହେରା, ୫୧ ବର୍ଷୀୟା ମାରଥନ ଧାବିକା ବବିତା ପ୍ରିୟଦର୍ଶନୀ, ଓଡ଼ିଶା ପାରାସନ୍ତରଣକାରୀ ବବିତା ଦଳାଇ, ମଞ୍ଜୁ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥଲା।

ସମ୍ବଲପୁରରେ ପ୍ରତିଷ୍ଠା ହେବ ସିଜିଏଚଏସ୍ ହେଲଥ୍ ୱେଲନେସ୍ ସେଣ୍ଟର

ଭୁବନେଶ୍ୱର,୧୦।୩ (ମହାଭାରତ): ସମ୍ବଲପୁରରେ ଏକ ନୂତନ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚଏସ) ୱେଲନେସ୍ ସେଂଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସବୁପ୍ରକାର ଅନୁମୋଦନ ପ୍ରଦାନ କରି ସାରିଛନ୍ତି । ଏହା ଖୁବ ଶୀଘ୍ର ସମ୍ବଲପୁରରେ ସ୍ଥାପନା ହେବାକୁ ଯାଉଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ପରେ ତାଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୂଚିତ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେ.ପି ନଡ୍ଡା । ଶ୍ରୀ ପ୍ରଧାନ ଗତ ୮ ସେପ୍ଟେମ୍ବର ୨୦୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେ.ପି୍ ନଡ୍ଡାଙ୍କୁ ପତ୍ର ଲେଖି ସମ୍ବଲପୁରରେ ଏକ ସିଜିଏଚଏସ ହେଲଥ୍ ସେଂଟରର ଆବଶ୍ୟକତା ବିଷୟରେ ଜଣାଇଥିଲେ । ସେ ପତ୍ରରେ ଉଲ୍ଲେଖ କରିଥିଲେ, ସମ୍ବଲପୁରରେ ବିଏସଏନଏଲ, ଡାକ ବିଭାଗ, ଆୟକର ବିଭାଗ, ପୂର୍ବତଟ ରେଳବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆରପିଏଫ ଗ୍ରୁପ୍ ସେଂଟର, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି । ଏଠାରେ ବହୁ ସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ ପେନସନଭୋଗୀ ବସବାସ କରୁଛନ୍ତି । ଏହି ସୁବିଧା ନଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୩୦୦ କିଲୋମିଟର ଦୂର ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବାକୁ ପଡୁଛି । ଏହା ଦ୍ୱାରା ବିଶେଷ କରି ପ୍ରାପ୍ତ ବୟସ୍କ ପେନସନଭୋଗୀମାନେ ହଇରାଣ ହେଉଛନ୍ତି । ଏହାର ପ୍ରତ୍ୟୁତରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା, ଶ୍ରୀ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ସମ୍ବଲପୁରରେ ସିଜିଏଚଏସ ସେଂଟର ପାଇଁ ସବୁପ୍ରକାର ଅନୁମୋଦନ ମିଳିସାରିଛି । ଏହି ସେଂଟର ପାଇଁ ଆବଶ୍ୟକୀୟ ପଦବୀ ପୂରଣ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇସାରିଛି ।

ନ୍ୟାୟ ସଂହିତା ପ୍ରଦର୍ଶନୀରେ ଭିଡ

ଭୁବନେଶ୍ୱର,୧୦।୩ (ମହାଭାରତ): ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡିଆରେ ଓଡିଶା ପୋଲିସ ପକ୍ଷରୁ ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀରେ ଉତ୍ସାହମୟ ପରିବେଶ ଦେଖିବାକୁ ମିଳିଛି। ସମାଜର ବିଭିନ୍ନ ବର୍ଗର ଲୋକମାନେ ପ୍ରଦର୍ଶନୀକୁ ଆସି ଭାରତର ନୂତନ ଅପରାଧ ଆଇନ ସମ୍ବନ୍ଧରେ ଜାଣିବା ସହ ସଚେତନତା ଲାଭ କରୁଥିବା ପରିଲକ୍ଷିତ ହୋଇଛି। ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଟୋ ଚାଳକ ମହାସଂଘର କର୍ମକର୍ତା ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପ୍ରଦର୍ଶନୀରେ ରହିଥିବା ବିଭିନ୍ନ ଡିଜିଟାଲ ପ୍ରଦର୍ଶନ, ସୂଚନାମୂଳକ ପ୍ୟାନେଲ ଓ ବ୍ୟାଖ୍ୟାମୂଳକ ପ୍ରଦର୍ଶନ ମାଧ୍ୟମରେ ସେମାନେ ନୂତନ ଭାରତୀୟ ଅପରାଧ ଆଇନ — ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଛନ୍ତି।ଏହା ବ୍ୟତୀତ ପ୍ରଦର୍ଶନୀରେ "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଇଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍ ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହେଉଛନ୍ତି।

ଏହା ସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୋଲିସ ଆଧୁନିକୀକରଣ ଓ ସଶକ୍ତିକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ ଲଗାଇବା, ମାଓ ଦମନରେ ଏସଓଜି ର ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ର ଅବଦାନ ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତ କରାଯାଉଛି ।

ଉଲ୍ଲେଖଯୋଗ୍ୟ ଯେ, ଦେଶର ନୂତନ ଅପରାଧ ଆଇନଗୁଡ଼ିକ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ଡିଜିଟାଲ ଓ ନ୍ୟାୟକେନ୍ଦ୍ରିକ ଅପରାଧ ନ୍ୟାୟ ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ହେଉଛି ଏହି ପ୍ରଦର୍ଶନୀର ପ୍ରମୁଖ ଉଦ୍ଦେଶ୍ୟ। ଉଲ୍ଲେଖ ଯୋଗ୍ୟ ଯେ, ଏହି ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

ମହିଳା କଂଗ୍ରେସ ପକ୍ଷରୁ ମାର୍ଚ୍ଚ ଫର ଜଷ୍ଟିସ୍ ରାଲି

ଭୁବନେଶ୍ୱର,୧୦।୩ (ମହାଭାରତ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଆଜିର ଦିନ ଆମ୍ଭମାନଙ୍କ ପାଇଁ ସଂକଳ୍ପ ନେବାର ଦିନ। କଂଗ୍ରେସ ଦଳ ପିଡୀତା, ନିଷ୍ପେସିତ, ଦୁଷ୍କର୍ମ ପିଡିତା, ଅତ୍ୟାଚାରୀତା ଓ ଅବହେଳିତା ମହିଳାମାନଙ୍କର ଅଧିକାର ପାଇଁ ଦିବାନିଶି ସଂଗ୍ରାମ କରୁଛି। ବିଜେପି ସରକାର ମହିଳାଙ୍କୁ ସୁରକ୍ଷିତ ରଖିବେ ଓ ସ୍ୱାବଲମ୍ବି କରିବେ ବୋଲି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ। କିନ୍ତୁ କ୍ଷମତା ହାସଲ ପରେ ସେ ପ୍ରତିଶ୍ରୁତି କୁଆଡେ ଭୁଲି ଗଲେ। ଆଜି ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମରେ ଶିକାର ହେଉଛନ୍ତି। ଓଡ଼ିଶାରୁ ୬୦ ହଜାର ମହିଳା ଓ ଶିଶୁ ନାପତା ହୋଇଥିବା ସ୍ଥଳେ ସେମାନଙ୍କୁ ଖୋଜି ଆଣିବା ପାଇଁ ସରକାରଙ୍କର ପ୍ରୟାସ ନାହିଁ। ଓଡ଼ିଶାର ବିଧାନସଭାରେ କଂଗ୍ରେସ ବିଧାୟକମାନେ ଓଡ଼ିଶାର ମହିଳାମାନଙ୍କର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାରୁ ସେମାନଙ୍କୁ ବିଧାନସଭାରେ

ଦୁର୍ବ୍ୟବହାର କରିବା ସହ ଗୃହ ଭିତରେ ପ୍ରବେଶ କରିବାର ଅଧିକାର ଛଡାଇ ନିଆଯାଇଥିଲା। ମହିଳାଙ୍କ ଅଧିକାର ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ବିଶାଳ ରାଲି କରାଗଲା, ସେଥିରେ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ ମିଥ୍ୟା ମକଦମା ରୁଜୁ କରାଗଲା। ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଥିଲେ କଂଗ୍ରେସ କର୍ମୀଙ୍କୁ ଲୋୟର ପି.ଏମ.ଜି.ରେ ପାଣି ମାଡ, ଠେଙ୍ଗାମାଡ କରି ଲହୁ ଲୁହାର କଲେ। କଂଗ୍ରେସ ଦଳ ମାଲ୍କାନାଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ମହିଳା ମାନଙ୍କର ସ୍ୱର ହୋଇ ଠିଆହୋଇଛି। ସରକାର ଆମ ଉପରେ ଯେତେ ଆକ୍ରମଣ କରିଲେ ବି ଆମେ ମହିଳାଙ୍କ ଅଧିକାର ପାଇଁ ଲଢ଼ିବୁ। ଓଡ଼ିଶାର କଂଗ୍ରେସ ଦଳ ମହିଳାମାନଙ୍କର ବେସାଲିସ୍ ସ୍ୱର।

ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଏହି କାର୍ଯ୍ୟମରେ ରାଣୀ ଲକ୍ଷ୍ମୀବାଇ, ସାବିତ୍ରୀ ବାଇ ପୁଲେ, କୁରବା ଗାନ୍ଧି, ସରୋଜିନୀ ନାଇଡୁ, କ୍ୟାପଟେନ୍ ଲକ୍ଷ୍ମୀ ସେହେଗଲ, ଅରୁଣା ଆଶଫ ଅଲ୍ଲି, ମାଳତୀ ଚୌଧୁରୀ ଓ ନନ୍ଦିନୀ ଶତପଥିଙ୍କର ଅତୁଳନୀୟ ଅବଦାନ ସଂପର୍କରେ ଅବତାରଣା କରିଥିଲେ। ମହିଳା କଂଗ୍ରେସ ସେଭାନେତ୍ରୀ ମିନାକ୍ଷି ବାହିନିପତୀ କହିଥିଲେ ଯେ, ଓଡ଼ିଶାର ବିଜେପି ସରକାର ମହିଳାମାନଙ୍କୁ ନ୍ୟାୟ ଦେବା ଅସମର୍ଥ । କାର୍ଯ୍ୟକ୍ରମରେ ଫକୀର ମୋହନ ସେନାପତିଙ୍କର ଦାୟଦ ଅର୍ଥନୀତିର ପ୍ରଫେସର ମୋନିକା ଦାସ, ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପି କୁମ୍କୁମ୍ ମହାନ୍ତି, ସାମ୍ବାଦିକା ମିନତୀ ସିଂହ, ପାଇଲଟ ରେଖା ଅଗ୍ରୱାଲ, ଇଣ୍ଟରପ୍ରିନର ସୁପ୍ରିୟା ମହାନ୍ତି, କବୟତ୍ରୀ ଶାନ୍ତିଲତା ଦେବୀ ଓ ପାଲାଗାୟିକା ମୀନାରାଣୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଲା ପରିବେଶଣ କରାଯାଇଥିଲା। କେକ୍ ମଧ୍ୟ କଟାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କଂଗ୍ରେସ ଭବନ ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ "ମାର୍ଚ୍ଚ ଫର ଜଷ୍ଟିସ୍ " ରାଲି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜୟଶ୍ରୀ ପାତ୍ର ପରିଚାଳନା କରିଥିଲେ।

"ମହିଳାମାନଙ୍କ ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ"

ଭୁବନେଶ୍ୱର,୧୦।୩ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ସ୍ୱଚ୍ଛତାର ବାର୍ତ୍ତା ନେଇ ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬ ଅବସରରେ ଏକ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛ ସର୍ବେକ୍ଷଣ ସଂପର୍କିତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ଏକ ନିଆରା ଢଙ୍ଗରେ ପାଳନ କରିବା ପାଇଁ ବିଏମ୍ ସି ପକ୍ଷରୁ ଆୟୋଜିତ 'ସମ୍ପୂର୍ଣ୍ଣା'ର ପ୍ରାତଃ ଅଧିବେଶନରେ ମହିଳା ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର କ୍ୟାଂଟିନ ଛକରୁ ଆରମ୍ଭ ହୋଇଥିବା ଏହି ମହିଳା ଗଣଦୌଡ ବିଏମ୍ ସି ମୁଖ୍ୟାଳୟଠାରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ମାନନୀୟା ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଶ୍ରୀ ଚଂଚଳ ରାଣା, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ଶ୍ରୀମତୀ ସସ୍ମିତା ସାହୁ, ଶ୍ରୀ କୈଳାସ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା, ଅଧ୍ୟକ୍ଷ, ବହୁ କର୍ପୋରେଟର ମଂଚାସୀନ ଥିଲେ ।

ଏହି ଗଣ ଦୌଡରେ ୬୦୦ରୁ ଅଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇଥିଲେ।

ମହିଳାମାନଙ୍କର ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ । ସମସ୍ତେ ସୁରକ୍ଷିତ ରହି ବିକାଶର ମଙ୍ଗ ଧରନ୍ତୁ ବୋଲି ଏହି ଅବସରରେ ମାନନୀୟା ବାଚସ୍ପତି ଶ୍ରୀମତୀ ପାଢୀ କହିଛନ୍ତି । ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବାରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେହିମାନଙ୍କ କଠୋର ପରିଶ୍ରମ ପାଇଁ ଭୁବନେଶ୍ୱର ଆଜି ସମଗ୍ର ଦେଶରେ ନବମ ସ୍ଥାନରେ ରହିଛି । ସେହିମାନଙ୍କ ପାଇଁ ଆମେ ଆଜି ସୁସ୍ଥ ଓ ସ୍ୱଚ୍ଛ ରହିପାରିଛେ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ପରମ୍ପରା ଓ ସଂସ୍କୃତିଠାରୁ ଆରମ୍ଭ କରି ଆଧୁନିକତାର ଶୀର୍ଷ ପର୍ଯ୍ୟନ୍ତ ସ୍ୱଚ୍ଛତାର ମଙ୍ଗ ଧରିଛନ୍ତି ମହିଳା । ଚଳିତ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରସକୁ ଏକ ନମ୍ବର ସହର ଭାବେ ପ୍ରତିଷ୍ଠିତ କରିବା ପାଇଁ ମହିଳାମାନେ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି ମାନନୀୟା ମେୟର। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଓ ଶ୍ରୀ କୈଳାସ ଚନ୍ଦ୍ର ଦାସ।

ଜଳସମ୍ପଦ ସଚିବଙ୍କ ନିର୍ମାଣ ନିଗମ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୧୦।୩ (ମହାଭାରତ): ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓସିସିଏଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିଗମ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତର ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମୀକ୍ଷା ବୈଠକରେ ଓସିସିଏଲ୍ ର ପରିଚାଳନା ନିର୍ଦ୍ଦେଶକ ଇଂ. ବିଘ୍ନରାଜ ପୁରୋହିତଙ୍କ ସମେତ ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ସ୍ଥଳର ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଯୋଗଦେଇ କ୍ଷେତ୍ରସ୍ତରୀୟ ରିପୋର୍ଟ ଓ ତଥ୍ୟ ଉପସ୍ଥାପନ କରିଥିଲେ।

ଏହି ବୈଠକରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ନିୟମିତ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ, ପ୍ରକଳ୍ପଗୁଡ଼ିକର ସମୟାନୁବର୍ତୀ ସମାପ୍ତି ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ସଘନ କ୍ଷେତ୍ର ପରିଦର୍ଶନ କରିବାକୁ ଏବଂ କାର୍ଯ୍ୟର ଅଗ୍ରଗତି ଉପରେ କଠୋର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମାପ୍ତ ହୋଇଥିବା ଏବଂ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ବଜେଟ୍ ଅନୁଦାନ ଏବଂ ବ୍ୟୟ ଅଟକଳର ଏକ ବ୍ୟାପକ ସମୀକ୍ଷା କରାଯାଇଥିଲା। ବିଶେଷ କରି ରାଜ୍ୟର ବିଭିନ୍ନ ନଦୀରେ ନିର୍ମାଣାଧୀନ 'ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ଗୁଡ଼ିକର ଅଗ୍ରଗତିର ମୂଲ୍ୟାୟନ କରାଯାଇଥିଲା। ମୌସୁମୀ ପୂର୍ବରୁ କାନପୁର ଏବଂ ସୁକତେଲ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜଳ ସଂରକ୍ଷଣ ନିଶ୍ଚିତ କରିବା ପାଇଁ କଠୋର ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକର ବନ୍ଧରେ ଗେଟ୍ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି।

୩୧,୪୯୮ ବ୍ୟାଙ୍କ ଆକାଉଂଟ ଯାଂଚ,୩୨୮ଗିରଫ

ଭୁବନେଶ୍ୱର,୧୦।୩ (ମହାଭାରତ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୧,୪୯୮ଟି ମ୍ୟୁଲ୍/ ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଥିବା ବେଳେ ୧୦୯୦ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ସମ୍ପର୍କିତ ସାଇବର ମାମଲା, ଏ.ଟି.ଏମ୍ ଉଠାଣ ସମ୍ପର୍କିତ ୩୪ଟି, ଚେକ୍ ଉଠାଣ ସମ୍ପର୍କିତ ୩୫ଟି ଏବଂ ୨୩ଟି ନକଲି ସିମ୍/ପିଓଏସ୍ ଯାଂଚ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୩୨୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ, ନୂଆ ଓ ପୁରୁଣା ୧୮୩ଟି ଏଫ୍.ଆଇ.ଆର୍ ସହ ସଂପୃକ୍ତ ୬୫୩୨ ଜଣ ସନ୍ଦିଗ୍ଧ ଆକାଉଂଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ବିଶେଷ ଅଭିଯାନରେ ପୁରୀ ଜିଲ୍ଲା ପୋଲିସ ୧ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ଜିଲ୍ଲା ପୋଲିସ ୨୨ଟି ବେନାମୀ ଆକାଉଂଟ ଯାଂଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ସଂପୃକ୍ତ ୩ଟି ଏବଂ ଚେକ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରି ୩ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଭୁବନେଶ୍ୱର (ୟୁପିଡି) ପୋଲିସ ୧୨ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରିବା ସହ ୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୪ ଜଣଙ୍କୁ ନୋଟିସ୍ ଜାରି କରିଛି। କଟକ (ୟୁପିଡି) ପୋଲିସ ଚେକ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରିଛି। ସେହିପରି ନୟାଗଡ଼ ଜିଲ୍ଲା ପୋଲିସ ୮୨ଟି ବେନାମୀ ଆକାଉଂଟ ଯାଂଚ କରି ୩୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବଲାଙ୍ଗିର ଜିଲ୍ଲା ପୋଲିସ ୬ଟି, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୮୦ଟି, ବାଲେଶ୍ୱର ଜିଲ୍ଲା ପୋଲିସ ୩୩ଟି ଏବଂ ଭଦ୍ରକ ଜିଲ୍ଲା ପୋଲିସ ୨୬ଟି ବେନାମୀ ଆକାଉଂଟ ଯାଂଚ କରିଛି। ସେହିପରି ମୟୂରଭଞ୍ଜ ଜିଲ୍ଲା ପୋଲିସ ୨୦ଟି ବେନାମୀ ଆକାଉଂଟ ଯାଂଚ କରି ୧୮ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବ୍ରହ୍ମପୁର ଜିଲ୍ଲା ପୋଲିସ ୮୦ଟି ବେନାମୀ ଆକାଉଂଟ ଯାଂଚ କରି ୨ଟି ପୁରୁଣା ଏଫ୍.ଆଇ.ଆର୍ ସଂପୃକ୍ତ ୮୦ ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୭ଟି ବେନାମୀ ଆକାଉଂଟ ଯାଂଚ କରି ୭ ଜଣଙ୍କୁ ନୋଟିସ୍ ଜାରି କରିଛି।

ଗ୍ରାମୀଣ ଓଡ଼ିଶାର ଉନ୍ନତି ପାଇଁ ସହଯୋଗ କରୁଛନ୍ତି ଇଡିଆଇଆଇ ଓ ୟୁଏଆଇଏଲ୍

ଭୁବନେଶ୍ୱର,୧୦।୩ (ମହାଭାରତ): ଦକ୍ଷିଣ ଓଡିଶାର ଦୂରସ୍ଥ ଆଦିବାସୀ ଗ୍ରାମଗୁଡିକରେ ବର୍ଷରୁ ବର୍ଷ ଧରି ଆର୍ଥିକ ସୁଯୋଗର ଅଭାବ ରହିଆସିଛି। ଏହି କାରଣରୁ ଅନେକ ଯୁବକ-ଯୁବତୀମାନେ କାମର ସନ୍ଧାନରେ ନିଜ ଘର ଛାଡ଼ି ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଏବେ ଏହି ପରିସ୍ଥିତିକୁ ବଦଳାଇବା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ ଅଧୀନ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜର ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ)ର ସମର୍ଥନରେ ଏବଂ ଏଣ୍ଟରପ୍ରିନ୍ୟୋରସିପ୍ ଡେଭେଲପମେଣ୍ଟ ଇନ୍ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଇଡିଆଇଆଇ) ଦ୍ୱାରା କାର୍ଯ୍ୟାନୁଷ୍ଠିତ 'ଉଦ୍ୟମୀ ୨.୦' ନାମକ ଏହି ବିଶେଷ ପ୍ରକଳ୍ପ ଗ୍ରାମୀଣ ଯୁବମାନଙ୍କୁ ନିଜ ଗ୍ରାମରେ ଛୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଏହା ଦ୍ୱାରା ସେମାନେ ଆତ୍ମନିର୍ଭର ହେବା ସହିତ ଅନ୍ୟତ୍ର ପ୍ରବାସ କମିବାରେ ସାହାଯ୍ୟ ମିଳୁଛି। ଉଦ୍ୟମୀ ୨.୦ ପ୍ରକଳ୍ପଟି ଅଗଷ୍ଟ ୨୦୨୪ ରେ ଆରମ୍ଭ ହୋଇଥିଲା ଏବଂ

୨୦୨୭ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରୟାସଟି ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୁଲ ରାମପୁର ବ୍ଲକ ରେ ୧୮୧ଟି ଗ୍ରାମ ରେ କାର୍ଯ୍ୟାନ୍ୱିତ ହେଉଛି। ଏହି ପ୍ରକଳ୍ପରେ କୃଷି ବ୍ୟତୀତ ଓ କୃଷି ସହଯୋଗୀ କ୍ଷେତ୍ରରେ ଏବଂ ଅଣକୃଷିଭିତ୍ତିକ ଉଦ୍ୟମ ଆରମ୍ଭ କରିବାକୁ ଉତ୍ସାହ ଦିଆଯାଉଛି। ବିଶେଷ କରି ମହିଳା ମାନେ, ଆଦିବାସୀ ସମୁଦାୟ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସି/ଏସ୍‌ଟି) ଗୋଷ୍ଠୀ ଙ୍କୁ ପ୍ରାଥମିକତା ଦିଆଯାଉଛି। ସେହି ସହିତ ସ୍ଥାୟୀ ଉନ୍ନତି ପ୍ରକ୍ରିୟା ଓ ସ୍ଥାନୀୟ ବଜାରରେ ଆବଶ୍ୟକତାକୁ ଧ୍ୟାନରେ ରଖି କାମ କରାଯାଉଛି। ଉଦ୍ୟମୀ ୨.୦ ପ୍ରକଳ୍ପର ମୁଖ୍ୟ ଅଂଶ ହେଉଛି ଗ୍ରାମୀଣ ଉଦ୍ୟମିତା ସହାୟତା କେନ୍ଦ୍ର, ଯାହା ନୂତନ ଉଦ୍ୟମୀ ମାନଙ୍କୁ ସମଗ୍ର ସହଯୋଗ ଯୋଗାଇ ଦେଇଥାଏ । ଏଥିରେ ବ୍ୟବସାୟ ଧାରଣା, ଉତ୍ପାଦନ ତିଆରି କରିବା ଓ କୌଶଳ ବିକାଶ ପ୍ରଶିକ୍ଷଣରୁ ଆରମ୍ଭ କରି ବ୍ୟବସାୟ ସ୍ଥାପନ, ଆଇନଗତ ନିବନ୍ଧନ, ଅର୍ଥ ସହାୟତା, ପରିଚୟ ସୃଷ୍ଟି ଏବଂ ବଜାର ସହ ଯୋଗାଯୋଗ ସ୍ଥାପନ ପର୍ଯ୍ୟନ୍ତ ସମସ୍ତ ସହାୟତା ଦିଆଯାଉଛି। ଉଦ୍ୟମୀ ମାନେ ଶିଳ୍ପ ସମ୍ପର୍କିତ ଦର୍ଶନ ଯାତ୍ରା, ଦକ୍ଷ ବ୍ୟକ୍ତିଙ୍କର ପରାମର୍ଶ, ବ୍ୟବସାୟ ଯୋଜନା ପ୍ରସ୍ତୁତିମାର୍ଗରେ ଏବଂ ପିଏମଏଫଏମଇ ଓ ପିଏମଇଜିପି ପରି ସରକାରୀ ଯୋଜନା ସହ ଯୋଗସୂତ୍ର ର ଲାଭ ପାଉଛନ୍ତି। ବର୍ତ୍ତମାନ ପ୍ରକଳ୍ପ ସହାୟତା, ଉଦ୍ୟମୀଙ୍କ ଅବଦାନ ଏବଂ ସରକାରୀ ଯୋଜନାର ସମନ୍ୱୟ ମାଧ୍ୟମରେ ୬୯.୯୫ ଲକ୍ଷରୁ ଅଧିକ ନିବେଶ ପ୍ରକ୍ରିୟାଧୀନ ଅଛି । ଏହି ରାଶି ନୂତନ ଉଦ୍ୟମ ପାଇଁ ପ୍ରାରମ୍ଭିକ ଧନରାଶି ଭାବେ ଏବଂ ଚାଲୁଥିବା ଉଦ୍ୟମକୁ ବିସ୍ତାର କରିବା ପାଇଁ ବିକାଶ ଧନରାଶି ଭାବେ ବ୍ୟବହୃତ ହେଉଛି ।

ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ

ଦେଶରେ ମୋଟ ଚାହିଦାର ୮୫ ପ୍ରତିଶତ ତୈଳ ଭାରତ ବିଦେଶରୁ ଆମଦାନୀ କରିଥାଏ। ନିକଟରେ ଓପେକ ପ୍ଲସ ପକ୍ଷରୁ ମେ ମାସରୁ ତୈଳ ଉତ୍ପାଦନ ଦୈନିକ ୫ଲକ୍ଷ ବ୍ୟାରେଲ କମାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହାପରେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବା ଆରମ୍ଭ କରିଛି। ୟୁକ୍ରେନ ଉପରେ ରଷିଆ ଆକ୍ରମଣ ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଥିଲା। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି। ଏବେ ଦେଶରେ ଶକ୍ତି ସଙ୍କଟ ଉତ୍କଟ ହୋଇଛି। ଦେଶରେ ମୋଟ ବିଦ୍ୟୁତ ଚାହିଦାର ୮୦ ପ୍ରତିଶତ ଥର୍ମାଲ ପାୱାରରୁ ଆସିଥାଏ। ଏମିତି ଖରାଦିନେ ଜଳ ବିଦ୍ୟୁତ ଉତ୍ପାଦନ କମିଯାଏ। ତେଣୁ ଏହି ସମୟରେ ଥର୍ମାଲ ପାୱାର ଉପରେ ଶତ ପ୍ରତିଶତ ନିର୍ଭର କରିବାକୁ ପଡ଼ିଥାଏ। ଆଉ ଏହି ସମୟରେ ବିଦ୍ୟୁତ ଚାହିଦା ମଧ୍ୟ ବଢ଼ିଯାଇଥାଏ। ଓଡ଼ିଶାରେ ସ୍ଥିତି ଅପେକ୍ଷାକୃତ ଭଲ। କିନ୍ତୁ ଦେଶର ଅନ୍ୟାନ୍ୟ ବହୁ ରାଜ୍ୟରେ ବିଦ୍ୟୁତ ଅଭାବ ଯୋଗୁ ଦିନକୁ ୭ରୁ ୧୨ ଘଣ୍ଟା ବିଦ୍ୟୁତ କାଟ ହେଉଛି। କୋଇଲା ଅଭାବ ଦୂର କରିବାକୁ ରେଳବାଇ ପକ୍ଷରୁ ଅନେକ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇ କୋଇଲା ବୋଝେଇ ଟ୍ରେନ ଚଳାଚଳକୁ ଅଗ୍ରାଧିକାର ଦିଆଯାଉଛି। ସେହିପରି କୋଇଲା ଯୋଗାଣ ପାଇଁ ରେଳବାଇ ପକ୍ଷରୁ ଅଧିକ ସଂଖ୍ୟାରେ ର୍ୟାକ ବ୍ୟବସ୍ଥା କରାଯାଉଛି। କିନ୍ତୁ ଏସବୁ ସାମୟିକ ବ୍ୟବସ୍ଥା। ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିକଳ୍ପ ବ୍ୟବସ୍ଥା ଜରୁରୀ। ଏହାର ପ୍ରତିକାର କରାଯାଇ ପାରିବ ନାହିଁ ସେ କଥା ନୁହେଁ। ପ୍ରଥମ କଥା ହେଲା ଛୋଟ ଛୋଟ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇ ବର୍ଷା ଦିନେ ଉଦବୃତ୍ତ ଜଳକୁ ଏଠାରେ ସଞ୍ଚୟ କରାଯାଇ ବିଦ୍ୟୁତ ଉତ୍ପାଦନ କରାଯାଇପାରିବ। ଏଥିଲାଗି କିଛି ବର୍ଷ ତଳେ ଯୋଜନା କରାଯାଇଥିଲା। କିନ୍ତୁ ଏ ସବୁ ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଲା। ସେହିପରି ଦେଶରେ ପବନ ଏବଂ ସୌର ଶକ୍ତିରୁ ବିଦ୍ୟୁତ ଉତ୍ପାଦନ ବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଥିଲେ ମଧ୍ୟ ଏହାର ଭରପୁର ଉପଯୋଗ କରାଯାଉନାହିଁ। ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ପାଇଁ ଭାରତ ସରକାର ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରିଛନ୍ତି। କିନ୍ତୁ ଏ କ୍ଷେତ୍ରରେ ଯେଉଁଳି ପ୍ରୟାସ ହେବା କଥା ବର୍ତ୍ତମାନ ସୁଦ୍ଧା ତାହା ସମ୍ଭବ ହୋଇନାହିଁ। ଯଦି ସୌର ଶକ୍ତିର ଭରପୁର ଉପଯୋଗ କରାଯାଇଥାନ୍ତା ତେବେ ଆଜି କୋଇଲା ଅଭାବ ଅନୁଭବ ହେଉନଥାନ୍ତା। ଏହା ମଧ୍ୟ ପରିବେଶ ଅନୁକୂଳ ହୋଇପାରନ୍ତା। ଏ ଦିଗରେ ଯେଉଁ ରାଜନୈତିକ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି ତାହା ସମ୍ଭବତଃ ବର୍ତ୍ତମାନର ନେତୃତ୍ୱ ନିକଟରେ ନାହିଁ। ଯଦି ଏବେଠାରୁ ଏଥିଲାଗି ଯୋଜନାବଦ୍ଧ ଉଦ୍ୟମ କରାଯାଆନ୍ତା ତେବେ ଏହାର ସୁଫଳ ଆଗାମୀ ୧୦ ବର୍ଷ ପରେ ମିଳନ୍ତା। ଦେଶରେ ଏବେ କୋଇଲାର ଯେଉଁ ଅଭାବ ପରିଲକ୍ଷିତ ହେଉଛି ତାହାର ସମାଧାନ କୋଇଲା ଆମଦାନୀ ଦ୍ୱାରା ସମ୍ଭବ ନୁହେଁ। ଏମିତି ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର ଦିନକୁ ଦିନ ହ୍ରାସ ପାଉଛି। ସେଥିରେ କ୍ରୁଡ଼ ଅଏଲଠାରୁ ଆରମ୍ଭ କରି କୋଇଲା, ଖାଇବା ତେଲ ସବୁ କିଛି ଆମଦାନୀ କରାଗଲେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଶୀଘ୍ର ଖାଲି ହୋଇଯିବ। ଏହା ତତ୍କାଳ ସମାଧାନ ପନ୍ଥା ହୋଇପାରେ। କିନ୍ତୁ ଏହା ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ଏଥିପାଇଁ ସୌର ଶକ୍ତିର ଭରପୁର ଉପଯୋଗ ଏକମାତ୍ର ଉପାୟ। ୨୦୫୦ ନୁହେଁ, ୨୦୩୦କୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଏଥିଲାଗି ପ୍ରୟାସ କରାଯିବା ଉଚିତ। ଏଠାରେ ଆଉ ଏକ ମୌଳିକ ପ୍ରଶ୍ନ ମନକୁ ଆସୁଛି। ଦେଶରେ ବିଦ୍ୟୁତ ଅଭାବ ରହିଥିବା ବେଳେ ଏବଂ ଚଢ଼ା ଦରରେ ବିଦେଶରୁ କୋଇଲା ଆମଦାନୀ କରାଯାଉଥିବା ବେଳେ ମାଗଣା ବିଜୁଳି ଯୋଜନା କେତେଦୂର ଯଥାର୍ଥ ଏବଂ ଗ୍ରହଣୀୟ? ବିଦେଶରୁ ଚଢ଼ା ଦରରେ କୋଇଲା ଆମଦାନୀ କରି ରାଜନୈତିକ ସ୍ୱାର୍ଥ ଲାଗି ମାଗଣାରେ ବିଦ୍ୟୁତ ଆବଣ୍ଟନ କେତେଦିନ ସମ୍ଭବ ହେବ?

ଗରିବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

॥ ଗୋପାଳ ମହାପାତ୍ର ॥

> *ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ ।*

ଆମ ଦେଶର ଅର୍ଥବ୍ୟବସ୍ଥା ଦୃତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛଁ । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛଁ । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ‘ଗରିବୀ ହଟାଓ’ ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତତ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି। କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି। ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ ‘ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର’ କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ । ସୁଖଦ କଥା ହେଉଛି ୨୦୨୨-୨୩ରେ ଭାରତର ଆର୍ଥୀକ ବିକାଶ ହାର ୭.୨ ପ୍ରତିଶତ ରହିଛି, ବିଶ୍ୱସ୍ତରରେ ଏହା ହେଉଛି ସର୍ବାଧିକ ଏବଂ ଦୃତ ବିକାଶ ହାର । ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀ ୧ ପ୍ରତିଶତରେ ରହିଛି ଏପରିକି ଚୀନର ବିକାଶ ହାର ଠାରୁ ଭାରତର ବିକାଶ ହାର ଦେଢ଼ଗୁଣା ହୋଇଛି । କୃଷିର ବିକାଶ ହାର ବଢ଼ିଛି । ଦେଶର ଉଦ୍ୟୋଗ କ୍ଷେତ୍ର ମଧ ବିକାଶ କରିଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିକାଶ ଏବଂ ଅର୍ଥବ୍ୟବସ୍ଥାର ବିସ୍ତାରର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନାହିଁ କାହିଁକି ? ଯଦି ଏହାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଥାନ୍ତା ତେବେ ଦେଶରୁ ଗରୀବ ଲୋକଙ୍କ ସଂଖ୍ୟା କମିଥାନ୍ତା ନିଶ୍ଚୟ । ପ୍ରଧାନମନ୍ତ୍ରୀ ସାର୍ବଜନୀକ ମଞ୍ଚରେ ଯାହା କହିଲେ ତାର ଠୋସ୍ ଆଧାର ଥିବ ନିଶ୍ଚୟ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଆଶା କରାଯାଇପାରେ ଯେ କେନ୍ଦ୍ର ସରକାର ଏ ବାବଦରେ ଗୁରୁତ୍ୱର ସହ କିଛି ଠୋସ୍ ପଦକ୍ଷେପ ନେଇଛନ୍ତି ଅଥବା ନେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ କଥା ଯଦି ସତ ତେବେ ଖୁବ୍ କମ୍ ଦିନରେ (ବର୍ଷରେ) ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହୋଇଯିବ ଓ ଦେଶରେ ଆଉ ଗରୀବ ରହିବେ ନାହିଁ ।

ରାମଚନ୍ଦ୍ରପୁର ରଣପୁର
ମୋ-୯୪୩୮୪୮୫୦୯୪

କାନ-ନାକ-ଗଳାର ଯତ୍ନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସିକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ବାସି ଖାଦ୍ୟ ଫ୍ରିଜରେ ଖାଦ୍ୟ ରଖି ପରବର୍ତ୍ତୀ ସମୟରେ ଗରମ କରି ଖାଇବା, ବଜାରର ତଥାକଥିତ ଫାଷ୍ଟଫୁଡ ଏବଂ ଅଧିକ ମାତ୍ରାରେ ଆମିଷ ଏସବୁ ଠାରୁ ଦୂରେଇବା ଭଲ। ନିଶାଦ୍ରବ୍ୟ ଠାରୁ ଦୂରେଇବା ସହ ଆପଣଙ୍କ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଓ ଫଳ ରଖନ୍ତୁ। ସମ୍ଭବ ହେଉଥିଲେ ପ୍ରତିଦିନ ଗୋଟିଏ ପଇଡ଼ ପିଅନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। ରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ଏହା ବଧିରତାର ବଡ଼ ଘାତକ କାରଣ ହୋଇପାରେ।

କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ଏହି ଅଭ୍ୟାସ ଦ୍ୱାରା କାନର ପ୍ରବେଶ ପଥ କୁହାଯାଉଥିବା ଅଞ୍ଚଳଟି ପ୍ରାରମ୍ଭିକ ଭାବରେ କ୍ଷତାକ୍ତ ହୋଇଥାଏ। କେତେକ ଲୋକଙ୍କ କ୍ଷେତ୍ରରେ କଣା ମଧ ହୋଇଯାଏ ଯାହାକି କାନ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ବାହାର ଜିନିଷ କାନ ମଧକୁ ପୁରାଇବା ଦ୍ୱାରା କାନ ସଂକ୍ରମଣ ମଧ ହୋଇଥାଏ ଯାହାପାଇଁ ପରବର୍ତ୍ତୀ ସମୟରେ ଅପରେସନ ଦରକାର ପଡ଼ିଥାଏ।

ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ଖରାଦିନେ ପୋଖରୀ ବା ନଦୀରେ ଅନେକ ଲୋକ ମୁଣ୍ଡ ବୁଡ଼ାଇ ଗାଧୋଇବାକୁ ଭଲ ପାଆନ୍ତି କିନ୍ତୁ ଏହାଦ୍ୱାରା କାନ ମଧକୁ କେବଳ ଅପରିଷ୍କାର ପାଣି ନୁହେଁ କିଛି ସଂକ୍ରାମକ କାରକ ମଧ ଆପଣଙ୍କ ଅଜାଣତରେ ପଶିଯାଆନ୍ତି ଯାହାକି ସଙ୍ଗେ ସଙ୍ଗେ ନ ହେଲେ ବି ପରବର୍ତ୍ତୀ ସମୟରେ ବଡ଼ ସମସ୍ୟାର କାରଣ ହୋଇଥାଏ।

ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ସର୍ଦ୍ଦିକୁ ଉପଶମ କରାଇବା ପାଇଁ ଆପଣଙ୍କ ହାତପାହାନ୍ତାରେ ଥିବା ଦେଶୀୟ ଚିକିତ୍ସା ଆପଣେଇ ପାରନ୍ତି ବା ଏଲୋପାଥିକର ସାହାଯ୍ୟ ନେଇପାରନ୍ତି।

ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ବଜାରରେ ଏବେ କିଛି କାନ ସଫା କରୁଥିବା ବୁଲାଲୋକମାନେ ମିଳୁଛନ୍ତି। ଯେଉଁମାନେ ପାଞ୍ଚ ଦଶମିନିଟରେ ଆପଣଙ୍କ କାନ ସଫା କରିଦିଅନ୍ତି। ସେମାନଙ୍କ ଦ୍ୱାରା ଆଦୌ କାନ ସଫା କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ କାନ ଗଭୀର ଭାବେ ପ୍ରଭାବିତ ହେବା ସହ କ୍ଷତି ମଧ ପହଞ୍ଚାଇଥାଏ। ସେମାନେ ବ୍ୟବହାର କରୁଥିବା କାନସଫା ତେଲ ସ୍ୱାସ୍ଥ୍ୟପ୍ରଦ ନୁହଁ। ଏ ଦିଗକୁ ଭଲ ଭାବେ ମନେରଖନ୍ତୁ।

ଖରାଦିନେ ପ୍ରାୟତଃ ଏସି ବା କୁଲର ବ୍ୟବହାର କରିବାକୁ ଅନେକ ଭଲ ପାଆନ୍ତି। କେହି କେହି କାନ ଆଡ଼କୁ ଥଣ୍ଡା ପବନର ଦିଗକୁ ଦେଖାଇଥାନ୍ତି। ଯାହାଦ୍ୱାରା କାନ ଭିତରକୁ ପ୍ରବଳ ମାତ୍ରାରେ ଥଣ୍ଡା ପବନ ପଶିଯାଏ। ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କାନ ହେଉଛି ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ସହିତ ନାକ ଓ ଗଳାର ସମ୍ପର୍କ ରହିଥିବାରୁ ଶରୀରର ଆଭ୍ୟନ୍ତରୀଣ କ୍ଷେତ୍ରକୁ ଏହା ସିଧାସଳଖ ସମ୍ପର୍କ ରଖିଥାଏ। ତେଣୁ ଏହାର ଯତ୍ନ ସତର୍କତାର ସହିତ ନିଅନ୍ତୁ। ଏବେ ମୋବାଇଲକୁ ସହଜରେ ଶୁଣିବା ପାଇଁ ବା ସଙ୍ଗୀତକୁ ଶୁଣିବା ପାଇଁ ଇୟର ଫୋନ ବହୁଳ ଭାବରେ ବ୍ୟବହାର କରାଯାଉଛି। ଏହାକୁ ଯଥାସମ୍ଭବ କମ ବ୍ୟବହାର କରନ୍ତୁ। କାନ ଭିତରକୁ ଯେପରି ଧୂଳି ବା ପବନ ନଯିବ ସେ ଦିଗ ପ୍ରତି ସଚେତନ ରୁହନ୍ତୁ। ଏସବୁ ସତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼,
ମଙ୍ଗଳାବାଗ, କଟକ
ଦୂରଭାଷ : ୯୪୩୮୨୭୬୭୬୦

ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଯୋଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଠ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧ୍ୟାତ୍ମ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱାକୁଙ୍କୁ ଇକ୍ଷ୍ୱା ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ଥାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗଲରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ପାଇକ ସଙ୍ଘ ତରଫରୁ ସମରକଳା ପ୍ରଦର୍ଶନ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ୨୪ ମୌଜା ପଞ୍ଚୁଦୋଳ ପଡ଼ିଆରେ ବାବା ଆଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଙ୍ଘ ଆନୁକୂଲ୍ୟରେ ପାରମ୍ପରିକ ସମରକାଳା କ୍ରୀଡା କୌଶଳ ପ୍ରଦର୍ଶନୀ ଉତ୍ସବ, ପଞ୍ଚଦୋଳ ପଡିଆ ଠାରେ ରାଜ୍ୟ ସଂଯୋଜକ ସୁବାଷ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସେଠାରେ ପାଇକ ଆଖଡ଼ା ଖେଳ ପ୍ରଦର୍ଶନ ସହିତ ଆଗାମୀ ଦିନରେ ପାଇକକୁ ଉତଜୀବିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ମୁଖ୍ୟ ଅତିଥି ଭାବରେ ସିମାଞ୍ଚଳ ସାହୁ ଯୋଗ ଦେଇଥିଲେ ଏବଂ ପୂର୍ଣ୍ଣ ମାତ୍ରା ରେ ସଙ୍ଘ ର ସଭାପତି ଯୋଗେନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ସୁକାନ୍ତ ବିଶ୍ୱାଳ, ୨୪ ମୌଜା ମାର୍ଫଦାର ସଂଗ୍ରାମ କେଶରୀ ଜେନା, ପାଇକ ଗୁରୁ ଭୋବନି ବିଶ୍ୱାଳ, ବିଦ୍ୟାଧର ପଲେଇ ଓ ଅନେକ ବିଦ୍ୱାନ ବ୍ୟକ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ ।

ଆସନ୍ତା ୧୭ ରେ ମାଇପିମେଳା

ବାଲିପାଟଣା :(ମହାଭାରତ)ପ୍ରତିବର୍ଷ ଭଳି ଏବର୍ଷ ମଧ ନରିଶୋ ବନବିହାରୀ ପୀଠରେ ବାରୁଣୀ ସ୍ନାନ ମେଳଣ ବା ମାଇପିମେଳା ଆସନ୍ତା ୧୭ ରୁ ୧୯ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ମେଳା କମିଟି ସ୍ଥିର କରିଛି । ଏହି ମେଳାକୁ ଆସୁଥିବା ଶ୍ରଦ୍ଧାଳୁ ଓ ମହିଳା ଭକ୍ତ ମାନଙ୍କ ସୁରକ୍ଷା ଲାଗି ଆବଶ୍ୟକ ପୋଲିସ ଫୋର୍ସ ସହ ମହିଳା ପୋଲିସ ମୁତୟନ ଲାଗି ଅନୁରୋଧ କରାଯାଇଛି । ମହିଳା ଭକ୍ତ ଯେଉଁମାନେ ନିଜର ମନୋସ୍କାମନା ପୂର୍ଣ୍ଣ ଲାଗି ଅଧିଆ ପଡିବେ ସେମାନଙ୍କ ଲାଗି ସୁବନ୍ଦୋବସ୍ତ କରାଯାଇଛି । ଏହି ମେଳାରେ ବାଲିପାଟଣା, ନିଆଳି ଓ ନିମାପଡା, କଣ୍ଟାପଡା ଓ ଜଗତସିଂହପୁର ବ୍ଲକରୁ ହଜାର ହଜାର ଭକ୍ତ ଯୋଗଦେଇଥାନ୍ତି । ସମସ୍ତ ପ୍ରକାର ଘରକରଣା ଜିନିଷ ସହ ଖାଦ୍ୟ ସାମଗ୍ରୀ ମିଳିଥାଏ ଓ ପିଲାମାନଙ୍କ ମନୋରଞ୍ଜନ ଲାଗି ବ୍ୟବସ୍ଥା ଥାଏ । ଏହି ମେଳାଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ତେଣୁ ମେଳାକୁ ଅଧିକ ମାତ୍ରାରେ ଭକ୍ତ ମାନେ ଆସି ପ୍ରଭୁ ଶ୍ରୀ ବନବିହାରୀଙ୍କ ଆଶୀର୍ବାଦ ନେବାକୁ କମିଟିର ସଭାପତି ଅଶୋକ ପ୍ରଧାନ, ଉପ ସଭାପତି କୈଳାଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଅକ୍ଷୟ କୁମାର ଜେନା ଓ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ ନିବେଦନ କରିଛନ୍ତି ।

ଛାତ୍ର ମୃତ୍ୟୁ ମାମଲା : ଏସପିଙ୍କୁ ଭେଟି ଉଚିତ୍ ତଦନ୍ତ ଦାବୀ କଲା ଦକ୍ଷିଣୀ ଶୌଣ୍ଡିକ ମହାସଂଘ

କଳାହାଣ୍ଡି, (ମହାଭାରତ) : ଭବାନୀପାଟଣା ଶାସ୍ତ୍ରୀଜୀ ସ୍କୁଲରେ ଛାତ୍ର ମୃତ୍ୟୁ ମାମଲାର ୬ଦିନ ପରେ ବି ରହସ୍ୟ ଉନ୍ମୋଚନ ହୋଇ ନ ଥିବା ବେଳେ ମଙ୍ଗଳବାର ଦିନ ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ ସବ ଡିଭିଜନ ର ଜିଲ୍ଲା ସଭାପତି ଅବିର ପ୍ରସାଦ ସାହୁଙ୍କ ନେତୃତ୍ୱରେ ସଧାରଣ ସଂପାଦକ ଗୋପାଳ ଚନ୍ଦ୍ର ସାହୁ, ଜୁନାଗଡ ଓ ଧର୍ମଗଡ଼ ଆଞ୍ଚଳିକ କମିଟିର ସଭାପତି ବିଦ୍ୟାଧର ସାହୁ, ଜିଲ୍ଲା କମିଟିର ଆଇନ ପରାମର୍ଶ ଦାତା ସଚ୍ଚିଦାନନ୍ଦ ସାହୁ, ସଦର କମିଟିର ସଭାପତି କୁଳମଣି ସାହୁ, ସହର କମିଟି ସମ୍ପାଦକ ସୁବୋଧ ସାହୁ, କେସିଙ୍ଗା ବ୍ଲକ କମିଟିର ବରିଷ୍ଠ ସଦସ୍ୟ ମିତ୍ର ସେନ ସାହୁ କଳାହାଣ୍ଡି ଏସ ପି ନାଗ ରାଜ ଦେବରକୋଣ୍ଡାଙ୍କୁ ଭେଟି ଭବାନୀପାଟଣା ଶାସ୍ତ୍ରୀଜୀ ସ୍କୁଲ୍ ର ଛାତ୍ର ସୌମ୍ୟ ରଞ୍ଜନ ସାହୁଙ୍କ ମୃତ୍ୟୁ ଘଟଣାର ଉଚିତ ତଦନ୍ତ ପାଇଁ ଦାବୀ କରିଥଲେ। ଶାସ୍ତ୍ରୀଜୀ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଛାତ୍ରର ମୃତ୍ୟୁ ହୋଇଥିବା ଏକ ଅଭିଯୋଗ ମାମଲା ସଦର ଥାନାରେ କେଶ ନମ୍ବର ୯୧/୪.୩.୨୦୨୬ ଦଫା ୧୦୬(୧),୩(୫)ବିଏନଏସ ଆକ୍ଟ, ୭୫ ଜେ ଜେ ଆଇନ ବଳରେ ରୁଜୁ ହୋଇଛି। କିନ୍ତୁ ମୃତ ଛାତ୍ରର ବାପା ମାଆ ଏହା ଏକ ହତ୍ୟା ମାମଲା ବୋଲି ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ ସବ ଡିଭିଜନ ର କର୍ମକର୍ତ୍ତା ମାନେ ଏହି ଘଟଣାର ସଠିକ୍ ତଦନ୍ତ ପାଇଁ ଏସପିଙ୍କୁ ଅନୁରୋଧ କରିଛନ୍ତି।

ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାରାଦୀପ, (ମହାଭାରତ) : ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷର (କଳା, ବାଣିଜ୍ୟ, ବଜ୍ଞାନ) ବିଭାଗର ଛାତ୍ରୀ ମାନଙ୍କୁ ନେଇ ଆଠ ଦିବସୀୟ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୧୦, ୨୦୨୬ ରିଖ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼.ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ସହିତ ବାଳିକାମାନଙ୍କର ଆଠ ଦିନ ଧରି ଚାଲିଥିବା ଆତ୍ମରକ୍ଷା କଳାର ଉପକାରିତା ଉପରେ ଛାତ୍ରୀମାନଙ୍କୁ ସ୍ୱକୀୟ ମତ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ତଟରକ୍ଷୀ ବାହିନୀ କମାଣ୍ଡାଣ୍ଟ (ଜେଜି) ଅନୁରାଧା ଶୁକ୍ଲା ଯୋଗଦାନ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଇତିହାସ ବିଭାଗର ଅଧାପିକା ସଂଘମିତ୍ରା ପ୍ରଧାନ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକାରୀ ଅଧିକାରୀ ଭାବରେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରର ଦୁଇ ପ୍ରଶିକ୍ଷିକା ସୁଶ୍ରୀ ବିଷ୍ଣୁପ୍ରିୟା ବାରିକ ଏବଂ ସ୍ମୃତିରେଖା ଦାସ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ବହୁ ଅଧାପକ, ଅଧ୍ୟାପିକା ଏବଂ କର୍ମଚାରୀ ବୃନ୍ଦ ଯୋଗଦେଇ ଉଦ୍‌ଯାପନୀ ଉତ୍ସବକୁ ସଫଳତାର ସହିତ ସମାପ୍ତ କରିଥିଲେ। ପରିଶେଷରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧାପିକା ସୁଶ୍ରୀ କାଦମ୍ବିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାର କା ମାଲ ଦରୀୟ ।ମେ ଡାଲ ! ଅସାମାଜିକ ବ୍ୟକ୍ତିଙ୍କ ଆଡ । ସ୍ଥଳି ପାଲଟିଛି ସ୍ମାର୍ଟ ପାର୍କ

ଉମରକୋଟ (ମହାଭାରତ) ପୌର ପରିଷଦ ନିର୍ବାଚନ ଆଗରୁ ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରବାସୀଙ୍କ ଭୋଟ ହାତେଇବା ପାଇଁ ତତ୍କାଳୀନ ବିଜେଡି ସରକାର ୨୦୨୨ ମସିହା ରେ ରାଜ୍ୟ ସରକାରଙ୍କ ଉନ୍ନତି ଯୋଜନା ମ ।ଧମ ରେ ନବରଙ୍ଗପୁର ଜିଲ୍ଲା ର ଉମରକୋଟ ପୌର ପରିଷଦ ର ୧,୨ ଓ ୧୧ ନମ୍ବର ୱାର୍ଡ ରେ ଉମରକୋଟ ସହର ବାସୀଙ୍କୁ ମନୋରଞ୍ଜନ ଯୋଗାଇବା ନ ।ରେ କୋଟି କୋଟି ଟଙ୍କା ସରକାରୀ ତହବିଲ ରୁ ଖର୍ଚ୍ଚ କରି ସ୍ମାର୍ଟ ପାର୍କ ନିର୍ମାଣ କଲେ।ଏହି ସ୍ମାର୍ଟ ପାର୍କରେ ଶିଶୁ ଉଦ୍ୟାନ ଓ ଜିମ ସରଞ୍ଜାମ ରହିବ ।ଲୋକ ଙ୍କୁ ସ୍ୱପ୍ନ ଦେଖା ଯାଇଥିଲା ଏହି ସ୍ମାର୍ଟ ପାର୍କରେ ଶିଶୁ ମାନେ ଖେଳିବେ ଓ ସହର ବାସୀ ଜିମ ସରଞ୍ଜାମ ରେ ବ୍ୟାୟାମ କରି ସୁସ୍ଥ ହେଇକି ରହିବେ। ନୂଆରେ ଏହି ସବୁ ସରଂଜାମ ଗୁଡ଼ିକ ଦେଖିବା ପାଇଁ ଭାରି ସୁନ୍ଦର ଲାଗୁ ଥିଲା। ସେତେବେଳେ ଶୁଣିବାକୁ ମିଳିଥିଲା ଏହି ସବୁ ସରଂଜାମ ତାମିଲନାଡୁର ଏକ ସଂସ୍ଥା ଯୋଗାଣ କରି ଥିଲା। ଏହି ସଂସ୍ଥା ଏହାକୁ ଠିକ୍ ଭାବେ ନ ଲାଗଇ ପାର୍କ ଭିତରେ ଫିଙ୍ଗି କି ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଏହି ସବୁ ସରଂଜାମକୁ ଠିଆ କରି କିଛି ଦିନ ପାଇଁ ଏହାର ବ୍ୟବହାର କରୁଥିବା ଦେଖିବା କୁ ମିଳିଥିଲା। ଦୁଃଖର କଥା ଏହି ସ୍ମାର୍ଟ ପାର୍କ ଉମରକୋଟ ସହର ବାସୀଙ୍କ ବ୍ୟବହାରରେ ଗୋଟିଏ ମାସ ମଧ ଆସିଲା ନାହିଁ।ଏହି ୩ ଟି ସ୍ମାର୍ଟ ପାର୍କର ରକ୍ଷ ।ଣ ବେକ୍ଷଣ ଦାୟିତ୍ୱରେ ଥିବା ଉମରକୋଟ ପୌର ପରିଷଦର ଦାୟିତ୍ୱ ହୀନତା ଯୋଗୁ ସବୁ ପାର୍କରେ ଜଙ୍ଗଲ ସୃଷ୍ଟି ହେଇ ଗଲା ଓ ଭାଙ୍ଗି ଭୁଶୁଡ଼ି ଗଲାଣି ।ଫଳରେ ସଂଧ। ହେଲେ ମଦ୍ୟପ ଓ ଅସାମାଜିକ ଲୋକଙ୍କ ଆଡ ।ସ୍ଥଳୀ ପାଲଟି ଯାଇଛି ।ଯେଉଁ ସ୍ଥାନରେ ଶିଶୁ ମାନେ ଖେଳିବା କଥା ସେହି ସ୍ଥାନରେ ବର୍ତ୍ତମାନ ଯେଉଁଠି

ଦେଖିଲେ ସେଠୀ ମଦ ବୋତଲ ପଡ଼ିକି ରହିଛି। ସବୁ ସରଞ୍ଜାମ ଗୁଡ଼ିକ କୁ କଳଙ୍କି ଲାଗି ଗଲା କେଉଁଠି ଭାଙ୍ଗି ଗଲାଣି। ପାର୍କ ଭାଙ୍ଗିବାକୁ ବସିଲାଣି।ପୌରାଞ୍ଚଳର ୧୧ ନମ୍ବର ୱାର୍ଡରେ ଆସୁଥିବା ଉମରକୋଟ ଉପଖଣ୍ଡ ହସ୍ପିଟାଲ ସମ୍ମୁଖରେ ନିର୍ମାଣ ହେଇଥିବା ସ୍ମାର୍ଟ ପାର୍କ ରେ ଶିଶୁ କ୍ରୀଡା ଉଦ୍ୟାନ ଏବଂ ବ୍ୟାୟାମ ପାଇଁ ଅନେକ ସରଞ୍ଜାମ ଥିବା ସହ ଆଲୋକୀ କରଣ ମଧ କରାଯାଇଥିଲା ଯାହାକି ଅତି ମନୋରମ ଲାଗୁଥିଲା ଏହି ସ୍ମାର୍ଟ ପାର୍କର କାର୍ଯ୍ୟ ପ୍ରାୟ ସବୁ ସରିଯାଇଛି ପୌର ପ୍ରଶାସନକୁ ହସ୍ତାନ୍ତର ମଧ କରିଦିଆ ଯାଇଛି,କାମ ସରିବାର ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ ହେବା ପରେ ମଧ ଏହାର ଉଦଘାଟନ ହେଇ ପାରିଲା ନାହିଁ। ବର୍ତ୍ତମାନ ପାର୍କ ମୁଖ୍ୟ ଫାଟକ ରେ ତାଲା ଝୁଲୁଛି। ସେହିପରି ୨ ନମ୍ବର ୱାର୍ଡ ରେ ଥିବା ସ୍ମାର୍ଟ ପାର୍କ ମଧ ଅନୁରୂପ ଅବସ୍ଥା।ଏହି ପାର୍କ ମଧ୍ୟରେ ୫ ଲକ୍ଷ ୩୫ ହଜାର ଟଙ୍କା ରେ ନିର୍ମିତ ମାଇକ୍ରୋ ଏକଟିଭିଟି ଗୃହ କେଉଁ ଉଦ୍ଦେଶ୍ୟ ରେ ନିର୍ମାଣ ହେଇଛି ସ୍ଥାନୀୟ ଲୋକ ଜାଣନ୍ତି ନାହିଁ। ଦିନେ ମଧ ଏହି ଗୃହ ଲୋକଙ୍କ ବ୍ୟବହାର ରେ ଆସିଲା ନାହିଁ ସବୁ ଭାଙ୍ଗି ଗଲାଣି। ଅନ୍ୟ ପକ୍ଷରେ ସବୁ ପାର୍କର ପୁନରୁଦ୍ଧାର କରାଯାଇ ଏହାର ରକ୍ଷଣାବେକ୍ଷଣ ପାଇଁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ନିୟୋଜିତ କରିବା ସହ ନିୟମିତ ଏହାର ଯତ୍ନ ନିଆଯାଉ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି। ଉମରକୋଟ ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ କହିଛନ୍ତି ଏହାର ରକ୍ଷଣା ବେକ୍ଷଣ ପାଇଁ ଲୋକ ରହିଛନ୍ତି ଏବଂ ଏହାର ରକ୍ଷଣା ବେକ୍ଷଣ କରାଯାଉଛି। ଏହାର କିଛି କାମ ବାକି ରହିଛି ପାଚେରୀ ଓ ଫେବର ବ୍ଲକ କାମ ବାକି ରହିଛି, ଡିପିଆର ପ୍ରସ୍ତୁତ ସରିଛି, ଅତିଶୀଘ୍ର କାମ ସାରିବା ସହ ଉଦଘାଟନ କରାଯିବ ଓ ଲୋକଙ୍କ କାମରେ ଆସିବା ବୋଲି କହିଛନ୍ତି।ପୌର ଅଧିକାରୀଙ୍କ କଥା। ଓ ବାସ୍ତବ ରେ ପାର୍କ ର ଥିବା ଅବସ୍ଥା ଯେ ଆକାଶ ପ ।ତ ।ଳ ମଧରେ ଫରକ କେହି ବି ଏହି ପାର୍କ ଦେଖିଲେ ଜାଣି ପାରିବ। ତେବେ ଏହି ପାର୍କ ନିର୍ମାଣ ରେ ଖର୍ଚ୍ଚ ହେଇ ଥିବା କୋଟି କୋଟି ଟଙ୍କା ପାଣିରେ ବୁଡି ଗଲା ଉମରକୋଟ ସହର ବାସୀ ମତ ଦେଉଛନ୍ତି।

ଜିଲ୍ଲା ପ୍ରଶାସନକୁ ଦାବୀପତ୍ର ଦେଲା କଳାହାଣ୍ଡି ଆଦିବାସୀ ମହାସଂଘ ଓ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ

କଳାହାଣ୍ଡି, (ମହାଭାରତ) : ସାମ୍ବିଧାନିକ ପ୍ରକ୍ରିୟା ହିସାବରେ ଏସଟି ଏସସି ଚାକିରିଆ ମାନେ ସଂରକ୍ଷଣ ବ୍ୟତୀତ ସାଧାରଣ ବର୍ଗରେ ଜଦୀ ପ୍ରମୋଶନ ପାଇବା ଯୋଗ୍ୟତା ହାସଲ କରି ପାରିଲେ ସାଧାରଣ ବର୍ଗ ହିସାବରେ ମଧ ପ୍ରମୋଶନ ସୁବିଧା ପାଇବା ସାମ୍ବିଧାନିକ ବ୍ୟବସ୍ଥା, ଏସଟି ଏସସି ମାନେ କେବଳ ସଂରକ୍ଷଣ ହିସାବରେ ପ୍ରମୋଶନ ହେବେ ଯେତେ ସିନିୟର ହେଲେ ମଧ ସାଧାରଣ ବର୍ଗ ହିସାବରେ ପ୍ରମୋଶନ ହୋଇ ପାରିବେ ନାହିଁ ବୋଲି ବିରୋଧ କରି ସାଧାରଣ ବର୍ଗର ଚାକିରିଆ ମାନେ ଜାନୁଆରୀ ୨୦୨୫ ରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ୨୨ ଜାନୁଆରୀ ୨୦୨୬ ରେ ହାଇକୋର୍ଟ ରାୟ ଶୁଣାଇଛନ୍ତି ଯେ ଏସଟି ଏସସି ଚାକିରିଆ ମାନେ ସଂରକ୍ଷଣ ଭିତରେ ଏବଂ ଯୋଗ୍ୟତା ହୋଇଥିଲେ ସାଧାରଣ ବର୍ଗ ହିସାବରେ ମଧ୍ୟ ପ୍ରମୋଶନ ହୋଇ ପାରିବେ। ଏସଟି ଏସସି ଚାକିରିଆ ମାନଙ୍କ ସପକ୍ଷରେ ହାଇକୋର୍ଟ ରାୟ ଶୁଣାଇ ଦୁଇ ମାସ ହେବାକୁ ଥିବା ବେଳେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଚୁପ ରହିବାରୁ ଅଲ୍ ଓଡ଼ିଶା

ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ନେତୃତ୍ୱରେ ଆଜି କଳାହାଣ୍ଡି ଜିଲ୍ଲା ଆଦିବାସୀ ମହାସଂଘ ଓ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଓ ସିଡିଏମଓ ଡକ୍ଟର ନିହାର ରଞ୍ଜନ ପଣ୍ଡା କୁ ଭେଟି ହାଇକୋର୍ଟର ନିର୍ଦ୍ଦେଶକୁ ମାନି ତୁରନ୍ତ ଓଡ଼ିଶା ସରକାରର ୬୩ ଟି ବିଭାଗର ପ୍ରମୋଶନ କାର୍ଯ୍ୟ କରିବା ପାଇଁ ଦାବୀପତ୍ର ଦିଆଯାଇଛି। ପନ୍ଦର ଦିନ ମଧ୍ୟରେ ଦାବୀ ପୁରୁଣ ନ ହେଲେ ଆଦିବାସୀ ମହାସଂଘ ଓ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡି ଜିଲ୍ଲାରେ ମହା ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଆଦିବାସୀ ମହାସଂଘ ଟାଉନ ସଭାପତି ଧବଳେଶ୍ୱର ମାଝି, ଉପଦେଷ୍ଟା ଡମ୍ବୁରୁଧର ମାଝି, କେଶବ ମାଝି, ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା ସାଧାରଣ ସମ୍ପାଦକ ଶତ୍ରୁଘ୍ନ ନାଏକ କଳମପୁର ବ୍ଲକ ସଭାପତି ବଳରାମ ଦୁର୍ଗା ଗୋଲାମୁଣ୍ଡା ବ୍ଲକ ସଭାପତି ରାମ କୁମାର ସେନାପତି କେସିଙ୍ଗା କାର୍ଯ୍ୟକାରୀ ସଭାପତି ବିକ୍ରମ ହରପାଲ ଉପସଭାପତି ଡମ୍ବୁରୁଧର କରୁଆ, ଏହିଭଳି ଏସଟି ଏସସି ସମାଜର ଅନେକ କର୍ମକର୍ତ୍ତା।

ପାରାଦୀପ ବନ୍ଦରରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ୫୭ତମ ପ୍ରତିଷ୍ଠା ଦିବସ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ର କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) କମ୍ପ୍ଲେକ୍ସରେ ଏହାର ୫୭ତମ ପ୍ରତିଷ୍ଠା ଦିବସ ମାର୍ଚ୍ଚ ୧୦ ତାରିଖ ମଙ୍ଗଳବାର ଦିନ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବର ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ହରନାଧ କହିଥିଲେ ଯେ ବନ୍ଦରର ଅଭୂତପୂର୍ବ ଅଭିବୃଦ୍ଧିରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) ର ଅପରିହାର୍ଯ୍ୟ ଅବଦାନ ଏବଂ ଏକ ବିଶ୍ୱସ୍ତରୀୟ 'ବୃହତ ବନ୍ଦର' ଭାବରେ ଏହାର ଭବିଷ୍ୟତ ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଦୃଷ୍ଟିକୋଣକୁ ରୂପରେଖା ଦିଆଯାଇଛି। ବନ୍ଦର ଗତ ଚାରି ବର୍ଷ ମଧ୍ୟରେ ପ୍ରାୟ ୯% ର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର ହାସଲ କରିଛି, ଯାହା ଜାତୀୟ ହାରାହାରିକୁ ଦ୍ୱିଗୁଣିତ କରିଛି। ବନ୍ଦରର

ଦ୍ୱାରଗୁଡ଼ିକ ଭାରତର 'ଅର୍ଥନୈତିକ କରିଡର' ବୋଲି ସ୍ୱୀକାର କରି, ପାରାଦୀପ ବନ୍ଦରର ଉନ୍ନତ ସୁରକ୍ଷା ଭିତ୍ତିଭୂମିରେ ଉଲ୍ଲେଖନୀୟ ନିବେଶ କରୁଛି। ପଣ୍ୟ ପରିଚାଳନକୁ ସୁବ୍ୟବସ୍ଥିତ କରିବା ପାଇଁ ଏଆଇ-ଆଧାରିତ ଗେଟ୍ ମ୍ୟାନିଂ, ମେସିନ୍ ଲର୍ଣ୍ଣିଂ-ଲିଙ୍କ୍ଡ ପରିଚାଳନା ଏବଂ ଏକ କ୍ୟୁଆର କୋଡ୍ ସିଷ୍ଟମ ପାଇଁ ଯୋଜନା ଚାଲିଛି। ୭୨ ରୁ ଉର୍ଦ୍ଧ ହାଇ-ଡେଫିନେସନ୍ କ୍ୟାମେରା ସହିତ ସଜ୍ଜିତ ଏକ ଅତ୍ୟାଧୁନିକ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ବର୍ତ୍ତମାନ ସମଗ୍ର ବନ୍ଦର କ୍ଷେତ୍ରର ବ୍ୟାପକ ତଦାରଖ ପ୍ରଦାନ କରୁଛି। ପାରାଦୀପ ବନ୍ଦର ସିଆଇଏସଏଫ ଶକ୍ତିକୁ ୨୦% ବୃଦ୍ଧି କରିବା ଏବଂ କର୍ମଚାରୀଙ୍କ ଆରାମ ଏବଂ ପ୍ରଭାବଶାଳୀତା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କ୍ୱିକ୍ ରିଆକ୍ସନ୍ ଟିମ୍ ଯାନ ଏବଂ ଆଧୁନିକୀକରଣ ବାରାକ୍ ପ୍ରଦାନ କରିବାକୁ ପ୍ରସ୍ତାବ ରହିଛି । ଏହା ଉପରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରଣାଧ ଗୁରୁତ୍ୱାରୋପ କରିଥିଲେ ଯେ ପାରାଦୀପ ବନ୍ଦରକୁ ଏକ ବିଶ୍ୱସ୍ତରୀୟ ମେଗା ବନ୍ଦରରେ ପରିଣତ କରିବା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ସିଆଇଏସଏଫ ମଧ୍ୟରେ ନିରନ୍ତର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ବାହିନୀର ସ୍ୱଚ୍ଛତା ଏବଂ ବୃତ୍ତିଗତତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଅନୁରୋଧ କରିଥିଲେ, ଯାହା ଦ୍ୱାରା ବନ୍ଦର ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଇଞ୍ଜିନ ଭାବରେ ରହିବ ତାହା ନିଶ୍ଚିତ ହୋଇପାରିବ। ଏହି କାର୍ଯ୍ୟକ୍ରମକୁ ସିଆଇଏସଏଫ ଅଗ୍ନିଶମ ବିଭାଗର ଡେପୁଟି କମାଣ୍ଡାଣ୍ଟ ମନୋଜ ଚୌହାନଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଏହି ଅବସରରେ, ସିଆଇଏସଏଫ କର୍ମଚାରୀମାନେ ଏକ ପ୍ରଭାବଶାଳୀ ଡଗ ସୋ ପ୍ରଦର୍ଶନ ଏବଂ ସେମାନଙ୍କର ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ପ୍ରଦର୍ଶନ କରିଥିଲା। ଏଥିରେ ପାରାଦୀପ ବନ୍ଦର ବରିଷ୍ଠ ଅଧିକାରୀ, ସିଆଇଏସଏଫ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ।

ଝାମୁଯାତ୍ରାର ପ୍ରଥମ ପାଳିରେ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

କାକଟପୁର/କୋଣାର୍କ, (ମହାଭାରତ) : ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ, ମଙ୍ଗଳମୟୀ ମା ମଙ୍ଗଳାଙ୍କ ଆରମ୍ଭ ହୋଇଛି ଚୈତ୍ର ପର୍ବ ବା ଝାମୁ ଯାତ୍ରା। ଏକ ମାସ ବ୍ୟାପୀ ଏହି ପ୍ରସିଦ୍ଧ ଝାମୁଯାତ୍ରା ଚୈତ୍ର ମାସ ପ୍ରଥମ ମଙ୍ଗଳ ବାର ଠାରୁ ଆରମ୍ଭ ହୋଇ ବୈଶାଖ ପ୍ରଥମ ମଙ୍ଗଳ ବାର ପର୍ଯ୍ୟନ୍ତ ଚାଲିଥାଏ । ଚୈତ୍ର ମାସରେ ମା ପ୍ରଥମେ ପ୍ରାଚୀ ନଦୀରୁ ଉଦ୍ଧାର ହେବା ଓ ସ୍ଥାପନା ହୋଇଥିବା ରୁ ମା ଙ୍କ ଜନ୍ମ ମାସ ଭାବେ ପ୍ରତି ବର୍ଷ ମାସେ ବ୍ୟାପି ଏହି ଚୈତ୍ର ପର୍ବ୍ୱ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଜି ପ୍ରଥମ ମଙ୍ଗଳ ବାର ନେତ୍ରୋତ୍ସବ ଭାବରେ ମଧ ପରିଚିତ । ମା ଙ୍କ ବିଶେଷ ନୀତିକାନ୍ତି ରେ ନୂତନ ନେତ ପୂଜା କରାଯାଇ ମନ୍ଦିର ବେଢା ପରିକ୍ରମା କରାଯାଇଥିଲା। ଅଂଚଳର ଯାଦବ ସମୂହ ଏକାଠି ଲହୁଡି ଖେଳି, ଓଗାଳ ବୋଲି ଏହି ପରିକ୍ରମା ରେ ସାମିଲ ହୋଇଥିଲେ । ପରେ ସେବକ ମାନଙ୍କ ଦ୍ୱାରା ମନ୍ଦିର ର ଦଧିନଉତି କୁ ସ୍ନାନ ମାର୍ଜନା କରାଯାଇ ନୂତନ ବାନା ବନ୍ଧା ଯିବାପରେ ନେତ୍ରୋତ୍ସବ କାର୍ଯ୍ୟ ସମାପନ କରାଯାଇଥିଲା । ଚାରିଆଡେ ମାତୃଭକ୍ତଙ୍କ ସମାଗମ ସହ ମନ୍ଦିର ବେଢାରେ ବିରି ଅରୁଆ ଚାଉଳ ଓ ଜାମୁ ଡାଳ ରେ ପରିବାର ର ମଙ୍ଗଳ ମନାସି କୁଳବଧୂ ମା ମାନେ ବେଢା ଓଳେଇବା, ଓ ପନସ୍ତିରେ ପୂଜାସହ ହୁଳହୁଳି ରେ ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା। ଦିନ ୨ ଟା ରେ ଶାରଳାରୁ ଆସିଥିବା ପାଟୁଆ ମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠରୁ ପାରମ୍ପରିକ ପଟୁଆରରେ ଯାଇ ଜଳ ତୋଳି ମନ୍ଦିର ଭିତର ବେଢା ଓ ବାହାର ବେଢାରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତ ଙ୍କ ସମାଗମ ଦେଖିବାକୁ ମିଳିଥିଲା । ଆଜି ପ୍ରଥମ ପାଳି ଯାତ୍ରା ରେ ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳା ର ସହ ଦର୍ଶନ କରିବେ ଓ ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା ପାଇଁ ଥାନା ଆଇ ଆଇ ସି ବସନ୍ତ କୁମାର ସାହୁ ଙ୍କ ତତ୍ୱାବଧାନ ରେ ପୋଲିସ ଫୋର୍ସ ପକ୍ଷରୁ ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷ ରୁ ଭକ୍ତ ଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଚାରିପଟେ ଟେଷ୍ଟ ବନ୍ଧାଯାଇ ଖରା ଦାଉରୁ ରକ୍ଷା କରାଯିବା ସହିତ ବ୍ୟାରିକେଡ଼ ମଧ୍ୟରେ ଶୃଙ୍ଖଳିତ ଭାବେ ଗର୍ଭଗୃହକୁ ଯାଇ ଦର୍ଶନର ସୁବ୍ୟବସ୍ଥା କରାଯାଇଥିଲା। ତତ ସଂଗେ ସଂଗେ ମନ୍ଦିରକୁ ସତେଜ ଫୁଲରେ ସଜାଯିବା ସହିତ ମା ଙ୍କୁ ସ୍ୱର୍ଣ୍ଣ ଅଳଙ୍କାର, ପାଟବସ୍ତ୍ର ରେ ବିଭୂଷିତ କରାଯାଇଥିଲା । ଅନ୍ୟପକ୍ଷରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ମନ୍ଦିର ନୀତି ନିର୍ଘଣ୍ଟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସରିବା ସହିତ ସର୍ବସାଧାରଣ ଦର୍ଶନ ଠିକ ସମୟରେ କରାଯାଇଥିବା ପ୍ରକାଶ କରିଥିଲେ । ଦୂର ଦୁରାନ୍ତ ରୁ ଆସୁଥିବା ଭକ୍ତ ମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା । ସେହିପରି ଭକ୍ତ ମାନଙ୍କ ଆସୁଚିକିତ୍ସା ନିମନ୍ତେ ସୂଚନା କେନ୍ଦ୍ର ଓ ମେଡିକାଲ କ୍ୟାମ୍ପ, ପାନୀୟଜଳ ର ବ୍ୟବସ୍ଥା କରାଯିବା ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତ ମାନଙ୍କ ଉପରେ ପାଣି ସିଞ୍ଚନ କରାଯିବା ସହିତ ସମସ୍ତ ପ୍ରକାର ସହଯୋଗ କରାଯିବାକୁ ବ୍ୟବସ୍ଥା ହୋଇଥିଲା । ଆଜି ପ୍ରଥମ ପାଳି ଯାତ୍ରା ରେ ଶରତ କୁମାର ଦୀକ୍ଷିତ ପୂଜାପଣ୍ଡା ଭାବେ କାର୍ଯ୍ୟ କରିଥିଲେ । ପ୍ରଥମ ପାଳି ଯାତ୍ରା ପାଇଁ ମା ମଙ୍ଗଳା ଙ୍କ ମନ୍ଦିର ସହିତ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା ।

ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ, (ମହାଭାରତ) : ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାରାଦୀପ ର ସ୍ଥାନୀୟ ମଧୁବନ ସ୍ଥିତ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟରେ କାମ କରୁଥିବା ଅଧିକାରୀ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା ମାନେ ଉତ୍ସାହ ସହକାରେ ଏହି ଦିବସ ପାଳନ କରିଥିଲେ। ମହିଳା ମାନେ କେବଳ ପରିବାର ମଧ୍ୟରେ ସୀମିତ ନ ରହି ରାଜ୍ୟ ତଥା ଦେଶ ଓ ବିଶ୍ୱ ସ୍ତରରେ ସେମାନଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମହିଳା ମାନଙ୍କ ପାଖରେ ସବୁ କ୍ଷେତ୍ରରେ କାର୍ଯ୍ୟ କରିବାର

ଦକ୍ଷତା,ଅଭିଜ୍ଞତା ସହିତ ସକାରାତ୍ମକ ମନୋଭାବ ରହିଛି। କାର୍ଯ୍ୟାଳୟ ହେଉ କିମ୍ବା ପରିବାର ହେଉ ମହିଳା ଓ ପୁରୁଷ ମାନଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ୍ ନୁହେଁ। କେବଳ ଆଜିର ଦିନରେ ଉତ୍ସବ ପାଳନ କରିବା ସମ୍ମାନ ଦେବା ଉଚିତ୍ ନୁହେଁ ବରଂ ସବୁ ଦିନ ସବୁ ସମୟରେ ମହିଳା ମାନଙ୍କୁ ଉଚିତ୍ ସମ୍ମାନ ଓ ଅଧିକାର ମିଳିବା ଉଚିତ ବୋଲି କମ୍ପାନୀ ର ବରିଷ୍ଠ ଅଧିକାରୀ ତଥା ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଅଧ୍ୟକ୍ଷା ସଙ୍ଗୀତା ଜିନ୍ଦଲ ଙ୍କ ଦ୍ୱାରା ଏକ ୱେବ ଟେଲିକାଷ୍ଟ ସହିତ ମୁଖ୍ୟ ବକ୍ତା ଭାବେ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧିକାରିଣୀ କଲ୍ୟାଣମୟୀ କ୍ଷେତ୍ରୀ,ପ୍ରକଳ୍ପ ମୁଖ୍ୟ, ବିଶ୍ୱନାଥ ପ୍ରଭୁ କେ ଙ୍କ ସମେତ ଶନମୁଗମ ଏଏସ,ରାକେଶ ଓଝା, ମନୋଜ କୁମାର ସିଂହ,ଗୋପାଳ ଶାହା ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ମହିଳା ମାନଙ୍କୁ ନେଇ ମ୍ୟୁଜିକ ଚେୟାର,ପାସିଂ ବଲ୍,ହିଡେନ ଟ୍ୟାଲେଣ୍ଟ ଓ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଶେଷରେ ସମସ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ମହିଳା କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସମସ୍ତ ମହିଳା ମାନେ କେକ୍ କାଟି ପରସ୍ପରକୁ ଖୁଆଇ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ସମସ୍ତ ବିଭାଗୀୟ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

ଉଦଘାଟିତ ହେଲା ସପ୍ତମ ବାର୍ଷିକ ପୁସ୍ତକମେଳା

କୃଷ୍ଣପ୍ରସାଦ (ମହାଭାରତ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡିଆ ଠାରେ ୭ମ ବାର୍ଷିକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ୨୪ ମୌଜା ର ମୁଖ୍ୟ ପୁରୋଧା ସଂଗ୍ରାମ କେଶରୀ ପଟନାୟକ ଉଦଘାଟନ କରିଥିଲେ। ପୁସ୍ତକ ମେଳାର ସଭାପତି ଉଲ୍ଲାସ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ବିବରଣୀ ପାଠ କରିଥିଲେ। ତାଙ୍କ ବକ୍ତବ୍ୟ ରେ ପୁସ୍ତକ ମେଳାକୁ ୨୪ ମୌଜା ପରିଚାଳନା କମିଟି କିଛି ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ ରଖିଥିଲେ। ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ବିଶ୍ୱପ୍ରକାଶ ପଟନାୟକ ଯୋଗଦେଇ ପୁସ୍ତକ ହେଉଛି ଜ୍ଞାନ ବିକାଶ, ଦେଶ ବିକାଶ ର ଏକମାତ୍ର ରାସ୍ତା ବୋଲି କହିଥିଲେ। କବି ମାୟାଧର ମାନସିଂହ ଙ୍କ ମାଟିରେ ପାଦ ଦେଇ ସେ ନିଜକୁ ଧନ୍ୟ ମନେ କରିବା ସହ ପୁସ୍ତକ ମେଳାର ସମସ୍ତ ଆୟୋଜକ ଏବଂ ପ୍ରତିଷ୍ଠାତା ଶିକ୍ଷାବିତ ଶ୍ରୀଯୁକ୍ତ ବାନାମ୍ବର ବାରିକି ଙ୍କୁ ଏପ୍ରକାର ପ୍ରୟାସ କରିଥିବାରୁ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଦୀପକ କୁମାର ଜେନା ଯୋଗଦେଇ ପୁସ୍ତକ ମେଳାର ଆୟୋଜକ ଙ୍କୁ ପ୍ରଶଂସା କରିବା ସହ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସନମାନିତ ଅତିଥିଭାବେ ବନ ବିହାରୀ ପଟନାୟକ, କୃଷ୍ଣ ଚନ୍ଦ୍ର ଦଳେଇ, ବିପିନ ବିହାରୀ ଦଳେଇ, ପ୍ରଦୀପ କୁମାର ଦାସ,ରବୀନ୍ଦ୍ର ନାଥ ଜେନା, ରାମଚନ୍ଦ୍ର ବୈରୀଗଞ୍ଜନ, ଅଧ୍ୟାପକ ଗୋପାଳ ଚଟୋପାଧ୍ୟାୟ ଯୋଗଦେଇ ପୁସ୍ତକ ମେଳା ଅଞ୍ଚଳ ର ଜ୍ଞାନ ବିକାଶ ରେ ସହାୟ ହେବ ବୋଲି ବର୍ଣନା କରିଥିଲେ। ସୁରେନ୍ଦ୍ରନାଥ ପ୍ରଧାନ ଙ୍କ ରଚିତ ମଶାଣି ଫୁଲ ପୁସ୍ତକ କୁ ଉନ୍ମୋଚନ କରାଯାଇଥିଲାୟ ବିଭିଓ ସହର ରୁ ପୁସ୍ତକ ବିକ୍ରେତା, ପ୍ରକାଶକ ମାନେ ବହୁ ଉପାଦେୟ ପୁସ୍ତକ କୁ ଷ୍ଟଲ ରେ ପ୍ରଦର୍ଶିତ କରିଥିଲେ। ବହୁ ପାଠକ, ଶିକ୍ଷାର୍ଥୀ ମାନେ ଷ୍ଟଲ ରୁ ପୁସ୍ତକ କିଣିଥିଲେ। ମଞ୍ଚକୁ ଶିକ୍ଷକ ଦୈତାରୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଲକ୍ଷ୍ମୀଧର ଦାସ, ଲଳିତ କୁମାର ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ପ୍ରମୁଖ ସହଯୋଗ କରିଥିଲେ। ଚିଲିକା ଗାନ୍ଧୀ ସ୍ୱର୍ଗତ ଉଦୟନାଥ ଜେନାଙ୍କୁ ମରଣତର ଭାବେ ସମ୍ମାନିତ କରାଯାଇଥିଲା।

ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା ହିନ୍ଦୋଳ ଥାନା ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ହିନ୍ଦୋଳ ଏନଏସି ଟାଉନହଲ ଠାରେ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅତିଥି ବିଭିଓ ଅପରାଧ ତାହାପାଇଁ ଭାରତୀୟ ନ୍ୟାୟ ସଂହିତାରେ ଥିବା ବିଭିଓ ଦଣ୍ଡ, ପ୍ରତିକାର, ସାମାଜିକ ସୁରକ୍ଷା ଇତ୍ୟାଦି ବିସ୍ତୃତ ଭାବରେ ବୁଝାଇଥିଲେ।ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା ମୁଖ୍ୟଅତିଥି,ଅତିରିକ୍ତ ଏସପି ତଥା ହିନ୍ଦୋଳ ଉପଖଣ୍ଡ ଆରକ୍ଷୀ ଉପ-ଅଧିକ୍ଷକ ସତ୍ୟ ନନ୍ଦ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବିସ୍ତୃତ ଭାବରେ ବିଭିଓ ଅପରାଧ ସେଥିପାଇଁ ଥିବା ଆଇନ, ପ୍ରତିକାର ଏବଂ ନିଜ ସୁରକ୍ଷାପାଇଁ ପଦକ୍ଷେପ, ବିଭିଓ ଅପରାଧପାଇଁ ପ୍ରତିକାର ଇତ୍ୟାଦି ଖୁବ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ତହସିଲଦାର ଦିଲୀପ ସେଠି,ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର,ସିଡିପିଓ ବିଦ୍ୟୁତପ୍ରଭା ବେହେରା,ଥାନା ଏସଆଇ ସୌମେନ୍ଦ୍ର ସାମଲ,ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ,ଷ୍ଟେଟବ୍ୟାଙ୍କ, କାନରାବ୍ୟାଙ୍କ ମ୍ୟାନେଜର, ଅବସରପ୍ରାପ୍ତ ବ୍ୟାଙ୍କଅଧିକାରୀ ରସାନନ୍ଦ ବେହେରା,ଉପାଧ୍ୟକ୍ଷା ପ୍ରତିମା ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ଏଏସଆଇ ଯଶୋବନ୍ତ ପ୍ରଧାନ ମଞ୍ଚପରିଚାଳନା କରିଥିବାବେଳେ ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।ତେବେ ସୁରକ୍ଷା ଦୃଷ୍ଟିରୁ ହିନ୍ଦୋଳ ଏସ୍ଡିପିଓ ଓ ଥାନା ଅଧିକାରିଣୀ ସହରରେ ସିସି କ୍ୟାମେରା ବ୍ୟବସ୍ଥାପାଇଁ ଦେଇଥିବା ପ୍ରସ୍ତାବକୁ ଖୁବଶୀଘ୍ର ପଦକ୍ଷେପ ନିଆଯିବବୋଲି ଉପସ୍ଥିତ ଉପଜିଲ୍ଲାପାଳ,ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ ଜନସାଧାରଣଙ୍କୁ ଅବଗତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାମ୍ବାଦିକ, ଜନସାଧାରଣ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଦିନିକିଆ ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ମୈତ୍ରୀ ମଣ୍ଡପ ପରିସରରେ ସି୩ ତରଫରୁ ଦଶପଲ୍ଲା ବ୍ଲକ୍ ର ପୁରୋହିତ ବ୍ରାହ୍ମଣ ମାନଙ୍କୁ ନେଇ ଦିନିକିଆ ବାଲ୍ୟ ବିବାହ ନିଷେଧ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକର ଏବିପି ଫେଲୋ ସଂଜୀବନୀ ମାଝୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସି୩ର କ୍ତ ନୟାଗଡ ଜିଲ୍ଲା ସଂଯୋଜକ ସୁକେଶ ମୃଧା ଯୋଗ ଦେଇଥିଲେ।ଉକ୍ତ କାର୍ଯକ୍ରମ ରେ ବାଲ୍ୟବିବାହ ର କାରଣ, ନିରାକରଣ ସହିତ ଏହାର କୁପରିଣାମ ବିଷୟ ରେ ଆଲୋଚନା କରାଯାଇଥିଲା।ବାଲ୍ୟବିବାହ ଆଇନ ୨୦୦୬ ରେ ଥିବା ଦଣ୍ଡବିଧାନ ପ୍ରାବଧାନ ବିଷୟରେ ବିଶେଷ ଭାବରେ ଆଲୋକପାତ କରା ଯାଇଥିଲା। ବିବାହ କାର୍ଯ୍ୟରେ ବ୍ରାହ୍ମଣ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନଙ୍କ ସହଯୋଗରେ କିପରି ଭାବେ ବାଲ୍ୟ ବିବାହ ରୋକାଯାଇ ପାରିବ ଉକ୍ତ ଶିବିରରେ ଉପସ୍ଥିତ ଥିବା ୨୦ଜଣ ବ୍ରାହ୍ମଣ ମାନଙ୍କ ସହ ଆଲୋଚନ କରାଯାଇଥିଲା।ପରିଶେଷରେ ବାଲ୍ୟ ବିବାହ କୁ ରୋକିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସି ୩ ର ଦଶପଲ୍ଲା ବ୍ଲକ୍ ସଂଯୋଜକ ସୁଭାଶିଷ ମିଶ୍ର ଆୟୋଜନ କରିଥିବା ବେଳେ ଗଣିଆ ବ୍ଲକ ସଂଯୋଜିକା ସ୍ୱାତିରେଖା ଦାସ ସହଯୋଗ କରିଥିଲେ।

ବସୁଧା ଅଚଳ; ହାଣ୍ଡିଗରା ଧରି ମହିଳାଙ୍କ ରାସ୍ତା ଅବରୋଧ

ରାୟଗଡ଼ା : ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଦେଖାଦେବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନେ ଦୂରଦୂରାନ୍ତରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ପ୍ରଶାସନକୁ ବହୁବାର ଅଭିଯୋଗ କରିଥିଲେ ମଧ ସମସ୍ୟାର ସମାଧାନ ହେଉ ନ ଥିବାରୁ ଶେଷରେ ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ସଦର ବ୍ଲକ କେରଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଅତଡା ଗ୍ରାମରେ ।ମଙ୍ଗଳବାର ସକାଳେ ଗ୍ରାମର ଅନେକ ମହିଳା ଏକତ୍ରିତ ହୋଇ ହାତରେ ହାଣ୍ଡିଗରା, ବାଲଟି ଧରି କେରଡା-ରାୟଗଡ଼ା ମୁଖ୍ୟ

ରାସ୍ତାକୁ ଦୀର୍ଘ ୨ରୁ ୩ଘଂଟା ସମୟ ଉପରେ ଠିଆ ହୋଇ ପାଣି ଧରି ଅବରୋଧ କରିଥିଲେ। ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଥିଲେ। ଏହାର ପରିଣାମ ସ୍ୱରୂପ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅତଡା ଗ୍ରାମରେ ପ୍ରାୟ ୧୫୦ଟି ଘର ପରିବାର ବସବାସ କରୁଥିବା ବେଳେ ଏଠାରେ ଜନସଂଖ୍ୟା ୭ଶହରୁ ଊର୍ଦ୍ଧ୍ୱ ରହିଛ। ଗାଁରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଥିବା ବେଳେ ୪ଟି ନଳକୂପ ରହିଛି। ଯେଉଁଥିରୁ ଦୁଇଟି ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ଦୁଇଟି ପାନୀୟ ରୂପେ ବ୍ୟବହାର ଉପଯୋଗୀ ହୋଇପାରୁନି। ଏଥିରୁ ନିର୍ଗତ ଜଳ ଦୁର୍ଗନ୍ଧ ଓ ଲେହଯୁକ୍ତ ହୋଇଥିବାରୁ ଏହାକୁ ଗ୍ରାମବାସୀ ପାନୀୟ ଭାବେ ବ୍ୟବହାର କରି ପାରୁନ ଥିବା ଅଭିଯୋଗ କରିଛନ୍ତି ।ତେବେ ଗତ ରବିବାର ଦିନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳକ୍ଲିଷ୍ଟ ଗ୍ରାମଗୁଡିକର ଚିହ୍ନଟ କରାଯାଇ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା,ଅଚଳ ନଳକୂପର ମରାମତି,ପାନୀୟ ଜଳ ଉତ୍ସଗୁଡିକର ମରାମତି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ବେଳେ ମାସ ମାସ ଧରି ଜଳକ୍ଲିଷ୍ଟ ଗ୍ରାମର ଚିହ୍ନଟ କରିବାରେ କିଭଳି ବ୍ଲକ ପ୍ରଶାସନ ଅଧିକାରୀ ଓ କର୍ମଚାରୀମାନେ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ତାଲିକା କରିନାହାନ୍ତି ସେ ନେଇ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକଳାପ ଲୋକଙ୍କ ସେବା ପାଇଁ ନା କେବଳ ପ୍ରହସନ ପାଲଟିଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛ। ତେବେ ଅତଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ରାୟଗଡା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ମା ଖମ୍ବେଶ୍ୱରୀ ଙ୍କ ଚୈତ୍ର ମାସ ପ୍ରଥମ ପାଳି ପୂଜା :ହଜାର ହଜାର ଭକ୍ତଙ୍କ ସମାଗମ

ଆସିକା (ମହାଭାରତ)ଗଞ୍ଜାମ ଜିଲ୍ଲା ର ଅନ୍ୟତମ ଶକ୍ତି ପୀଠ ତଥା ଆସିକା ଅଧିଷ୍ଠାତ୍ରୀ ଦେବୀ ମାଁ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ର ପର୍ବରେ ପ୍ରଥମ ପାଳି ମଙ୍ଗଳବାର ରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି ।ଜିଲ୍ଲା ତଥା ରାଜ୍ୟର ବିଭିଓ ପ୍ରାନ୍ତରୁ ଭକ୍ତମାନେ ଏହି ପୀଠକୁ ଆସି ନିଜ ପିଲାଙ୍କ ପ୍ରଥମ ଚୁଟିକୁ ମୁଣ୍ଡନ କରିବା ବିଧି ଓ ପରମ୍ପରା କେଉଁ ଆବାହମାନ କାଳରୁ ଏହି ପ୍ରଥା ଚଳି ଆସିଥିବାରୁ ଆଜି ସହସ୍ରାଧିକ ପିଲାଙ୍କ ମୁଣ୍ଡନ ହୋଇଛି। ସକାଳୁ ମାଆ ଙ୍କ ଦୁଆରଫିଟା ନୀତି ପରେ ମଙ୍ଗଳା,ସକାଳ ଧୂପ,ମଇଲମ ବେଶ, ବାଳଭୋଗ ପରେ ମା ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଅପରାହ୍ନ ୧୨ଘଣ୍ଟା ସମୟରେ ଅନ୍ନ ଭୋଗ ପରେ ପହଡ଼ ପରେ ସନ୍ଧ୍ୟା ୪ଘଣ୍ଟାରେ ଦୁଆର ଫିଟା ଯାଇଥିଲା ସନ୍ଧ୍ୟା ଆଳତୀ ପରେ ରାତି ଭୋଗ ପରେ ମାଆ ନଗର ପରିକ୍ରମା କରିଥିଲେ ଆଜି ମାଆ ଙ୍କ ଠାରେ ପଣା ଭୋଗ କରାଯାଇଥିଲା । ପୀଠରେ ପ୍ରବଳ ଭକ୍ତଙ୍କ ସମାଗମ କୁ ଦୃଷ୍ଟି ରେ ରଖି ପ୍ରଶାସନ ଓ ମନ୍ଦିର କମିଟି ମଧ୍ୟରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଇଷ୍ଟଦେବୀ ମା ଖମ୍ବେଶ୍ୱରୀ ଙ୍କ ମହିମା ତଥା ଯଶ ଓ ଖ୍ୟାତି ଏବଂ ଅପାର କରୁଣା ରହିଥିବାରୁ ଭକ୍ତମାନେ ପୀଠକୁ ଦୌଡ଼ି ଆସନ୍ତି ।ପିଲାଙ୍କ ପ୍ରଥମ ଚୁଟି ଏହି ପିଠରେ ପକାଇଲେ

ରୋଗ ଏବଂ ବ୍ୟାଧି ଦୂର ହେବା ସାଙ୍ଗକୁ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ଲୋକଙ୍କ ଅଗାଢ଼ ବିଶ୍ୱାସ ରହିଛି । ତେଣୁ ଭକ୍ତମାନେ ଠାକୁରାଣୀଙ୍କ ପୀଠକୁ ଆସି ପିଲାଙ୍କୁ ମୁଣ୍ଡନ କରିବା ସହ ମାଙ୍କ ପ୍ରିୟ ପଞ୍ଚାମୃତ ଓ ଭୋଗରାଗ କରନ୍ତି ।

ଗୋ ଅଭୟାରଣ୍ୟ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର

ଗଣିଆ, (ମହାଭାରତ): ଗଣିଆ ବ୍ଲକର ଆଦିବାସୀ ଅଞ୍ଚଳ ରୂପେ ବଡସିଲିଙ୍ଗା ପଞ୍ଚାୟତ ତଥା ବାଇଶିପଲ୍ଲୀ ବିକାଶ ପରିଷଦ ପକ୍ଷରୁ ସାତକୋଶିଆ ଅଭୟାରଣ୍ୟକୁ 'ଗୋ-ଅଭୟାରଣ୍ୟ' ଭାବେ ଘୋଷଣା କରିବା ପାଇଁ ମଙ୍ଗଳବାର ଦିନ ଗଣିଆ ତହସିଲଦାର ଐଶ୍ୱର୍ଯ୍ୟକ୍ଷ ପୃସେଠଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ବାଇଶିପଲ୍ଲୀ ବିକାଶ ପରିଷଦର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ଗଣିଆ ତହସିଲଦାରଙ୍କ କାର୍ଯ୍ୟାଳୟ ଠାରେ ପହଂଚି ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଥିଲା । ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଗୋ-ସମ୍ପଦର ସୁରକ୍ଷା ଓ ଗୋ-ପାଳନ କ୍ଷେତ୍ରରେ ଅନେକ ବାଧା ସୃଷ୍ଟି ହେଉଛି। ଜୀବନଜୀବିକା ନିର୍ଭର କରୁଥିବାରୁ ବ୍ୟାଘ୍ର ପ୍ରକଳ୍ପ କାରଣରୁ ସ୍ଥାନୀୟ ଲୋକମାନେ ଜଙ୍ଗଲ ଉପରେ ନିର୍ଭର କରି ପାରୁନାହାଁନ୍ତି, ଯାହାଫଳରେ ସେମାନଙ୍କର ପାରମ୍ପରିକ ଗୋ-ପାଳନ ବ୍ୟବସାୟ ଓ ଜୀବନଜୀବିକା ପ୍ରଭାବିତ ହେଉଅଛି । ବାଇଶିପଲିଅଞ୍ଚଳକୁ'ଗୋ-ଅଭୟାରଣ୍ୟ'ଭାବେ ଗୋ-ସେବା ସହିତ ସ୍ଥାନୀୟ ଅର୍ଥନୀତି ଓ ବିକାଶରେ ସହାୟକ ହେବ ବୋଲି ପରିଷଦ ପକ୍ଷରୁ ଆବାହକ ଲାଳିତ ନାରାୟଣ ଦାସ ପ୍ରକାଶ କରିଛନ୍ତି । ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ବାଇଶିପଲ୍ଲୀ ଅଭୟାରଣ୍ୟ ମିଳିତ ଭାବେ ଅନୁଗୁଳ,ନୟାଗଡ଼, ବୌଦ୍ଧ ଓ କଟକ ଜିଲ୍ଲାର କିଛି ଅଂଶକୁ ନେଇ ଗଠିତ। ଗୋ ସମ୍ପଦ ର ସୁରକ୍ଷା ହେଲେ ମାନବ ସମାଜ ଉତଥାନ ହେବ ବୋଲି ଜଗନ୍ନାଥ ଦଳ ସେବକ ତଥା ସ୍ୟ ଲାଳିତ ନାରାୟଣ ଦାସ ପ୍ରକାଶ କରିଛନ୍ତି ।

କଳିଙ୍ଗନଗର ଶିଳ୍ପାଞ୍ଚଳ ମୁଖ୍ୟରାସ୍ତା ବିପର୍ଯ୍ୟୟ

ରାସ୍ତାସାର ବଡ଼ ବଡ଼ ଖାଲରେ ପରିପୂର୍ଣ୍ଣ

ଦାନଗଦି କଳିଙ୍ଗନଗର: (ମହାଭାରତ)ଶିଳ୍ପସମୃଦ୍ଧ କଳିଙ୍ଗନଗର ଅଞ୍ଚଳ ରେ ଯାନବାହାନ ର ଚଳାଚଳ ଉତ୍କଟ ଥିବାବେଳେ ଦୈନ୍ୟଦିନ ଜୀବନରେ ପ୍ରତେକ କ୍ଷେତ୍ରକୁ କେନ୍ଦ୍ରକଲେ ଯାନବାହାନ ନିୟନ୍ତ୍ରଣ ଅସମ୍ଭାଳ ହୋଇପଡୁଥିବାବେଳେ ଅତ୍ୟଧିକ ଗାଡ଼ି ମୋଟର ଚଳାଚଳହେବା ଏଠାକାର ଜନସାଧାରଣଙ୍କୁ ସମସ୍ୟାରେ ପକାଉଛି କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତା ମରାମତି ପୁନରୁଦ୍ଧାର କାର୍ଯ୍ୟ ରେ ବିଳମ୍ବ ହେଉଥିବାବେଳେ



ରାସ୍ତା ବିପର୍ଯ୍ୟୟ ହୋଇପଡିଛି ଯାହାଫଳରେ ସଡ଼କ ଆରୋହୀ ଦୁର୍ଘଟଣାର ଶୀକାର ହୋଇ ଧନ ଜୀବନ ହାନି ଘଟୁଛି। ନୀଳାଚଳ ଛକ ରୁ ବିଆର୍ପିଲ ଛକ ରାସ୍ତା ମଜିରି କିଛିଦିନ ହେବ ରାସ୍ତା ମରାମତି ହୋଇଥିଲା ହେଲେ ଦୁର୍ଭାଗ୍ୟର ବିଷୟ କେଇଟା ଦିନ ଯାଇନି ରାସ୍ତାରୁ ପିଚୁଉଠି ରାସ୍ତାରେ ବଡ଼ ବଡ ଖାଲ ସୃଷ୍ଟି ହୋଇଛି ଅନ୍ଧକାର୍ମ। କଳିଙ୍ଗନଗର ରାଜରାସ୍ତାରେ ଜତାୟ ଜଣ ଜୀବନ ବାଧାପ୍ରାପ୍ତ ହେଉଛି। କଳିଙ୍ଗନଗର ଶିଳ୍ପା□ଳ ରାସ୍ତା ପ୍ରତେହ ହଜାର ହଜାର ଜାନ ବାହାନ ଯାତାୟାତ ସହ ଶ୍ରମିକ ମାନେ ଏହି ରାସ୍ତାଦେଇ ଦୈନିକ ଅସୁରକ୍ଷିତଭାବେ ଜୀବନ କୁ ବିପଦମୋଡରେ ପକାଇ ଯାତାୟାତ କରୁଛନ୍ତି। ତୁରନ୍ତ ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇ ମରାମତି ଆବଶ୍ୟକୀୟ ହୋଇପଡ଼ିଥିବା ବେଳେ ପ୍ରଶାସନ ଏହାର ଦାୟିତ୍ୱନେଇ ଯଥାଶୀଘ୍ର ଏହାର ମରାମତି କରିବାକୁ ବୁଦ୍ଧିଜୀବୀ ମହଲାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ଏହାକୁ ଦୃଷ୍ଟି ଦେବାସହ ତୁରନ୍ତ କାର୍ଯ୍ୟକାରୀ କରାଇଲେ ଅଳ୍ପକେ ଦୁର୍ଘଟଣା ରୁ ବର୍ତ୍ତି ପରାରେ ସଡ଼କ ଆରୋହୀ।

ବିଗଡ଼ିଲା ସ୍ୱାସ୍ଥ୍ୟ ଅବସ୍ଥା; ୨୩୬ ଡାକ୍ତର ପଦବି ଖାଲି

ନବରଙ୍ଗପୁର : ବିଗଡିଯାଇଛି ନବରଂଗପୁର ଜିଲ୍ଲାସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ। ଜିଲ୍ଲାରେ ୩୯୫ଡାକ୍ତରଙ୍କ ସ୍ଥାନରେ ୧୫୯ଜଣ ଅଛନ୍ତି। ଏହାରି ମଧ୍ୟରେ ଉଚ୍ଚଶିକ୍ଷା ପିବା ପାଇଁ ୫୪ଜଣ ଯାଇଛନ୍ତି। ୫ବିଶେଷଜ୍ଞ ଡାକ୍ତର ଦୀର୍ଘ ଦିନରୁ ଅନୁପସ୍ଥିତ। ଅନୁପସ୍ଥିତ ଡାକ୍ତରମାନେ ସରକାରୀ ନୋଟିସ ଏବଂ କୋର୍ଟର ଧମକକୁ ଖାତିର କରୁନାହାନ୍ତି। ପାଣିଭଳି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମି ସଜାଡାଯାଇଛି ତେବେ ଡାକ୍ତର ଅଭାବ ଯୋଗୁଁ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ନ ପାରି ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି। ଜିଲ୍ଲାର ୧୦ବ୍ଲକ, ୨ପେରାଂଚଳ ୮୫୫ଟି ରାଜସ୍ୱ ୨୦୦୦ରୁ ଊର୍ଦ୍ଧ୍ୱ ପଡ଼ାଗାଁର ୧୪ଲକ୍ଷ ଜନସଂଖ୍ୟା ପାଇଁ ଜିଲ୍ଲା ସଦର ମହକୁମାରେ ଡିଏଚଏଚ, ଉମରକୋଟରେ ଏସଡିଏଚ, ୧୦ବ୍ଲକରେ ୧୦ଟି ସିଏଚସି, ୨ପେରାଂଚଳରେ ୨ଆୟୁଷ ଅରୋଗ୍ୟ କେନ୍ଦ୍ର, ୪୦ଟି ପି ଏ ଚ ସି , ୨୯୨ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିଛନ୍ତି। ଏତେ ଜଣକୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲ୍ଲାରେ ୩୯୫ଜଣ ଡାକ୍ତର ରହିବା ସ୍ଥାନରେ ଅଛନ୍ତି ୧୫୯ଜଣ। ଏଥିରୁ କିଛି ବିଶେଷଜ୍ଞଡାକ୍ତର ସୁପର ସ୍ପେଶିଆଲିଷ୍ଟ(ଏମଏସ୍) ପିବାକୁ ଯିବା ପାଇଁ ଆବେଦନ କରି ସରକାର ଅନୁମୋଦନ ଅପେକ୍ଷାରେ ଅଛନ୍ତି। ଆନ୍ଧ୍ରରୁ ବଣ୍ଡସର୍ଭିସରେ ଆସିଥିବା ବିଶେଷଜ୍ଞ ଡାକ୍ତର ଏଠାରେ କେତେଦିନ କାମ କରିବେ ତାହା ସମୟ କହିବୟଜିଲ୍ଲାରେ ବିଭିଓ ବିଶେଷଜ୍ଞ ଡାକ୍ତର ୬୮ଜଣଙ୍କ ସ୍ଥାନରେ ୧୯ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ଡିଏଚଏଚରେ ୧୫ ଓ ଉମରକୋଟ ଉପଖଣ୍ଡରେ ୨ଜଣ ଅଛନ୍ତ। ଡାବୁଗାଁ କର୍ଣ୍ଣ ନାଶା ଓ ଗଳା ବିଶେଷଜ୍ଞ ଜଣେ ରହିଛନ୍ତ। ପାପାଡାହାଣ୍ଡିରେ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞଙ୍କୁ ୪ଦିନ ପାପାଡାହାଣ୍ଡିରେ ୩ଦିନ ନବରଙ୍ଗପୁରରେ କାର୍ଯ୍ୟକରୁଛନ୍ତିୟ ଝରିଗାଁର ଭେଷଜ ବିଶେଷଜ୍ଞ ଡାକ୍ତର ଲମ୍ବାଛୁଟିରେ ରହିଛନ୍ତ। ଚନ୍ଦାହାଣ୍ଡି ସର୍ଜରୀ ବିଷେଶଜ୍ଞ ଉଚ୍ଚଶିକ୍ଷା ପିବା ପାଇଁ ଯାଇଛନ୍ତି। ଜିଲ୍ଲାର ୬ଟି ସିଏଚସିରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲ। ଡିଏଚଏଚରେ ଏବେ ୨ଜଣ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ, ୩ଜଣ ନିଶ୍ଚେତକ, ୨ଜଣ ଇଏନଟି ବିଶେଷଜ୍ଞ ଡାକ୍ତର ଅଛନ୍ତି। ଭେଷଜ, ପେଥୋଲୋଜି, ରେଡିଓଲୋଜି, ମାଇକ୍ରୋ ବାଇଓଲୋଜି, ଟିଭି ଚେଷ୍ଟ, ଅସ୍ଥିଶଲ୍ୟ, ଚକ୍ଷୁ, ଶିଶୁ ବିଶେଷଜ୍ଞ ଡାକ୍ତର ଜଣେ ଲେଖାଏଁ ରହିଛନ୍ତ। ଜିଲ୍ଲାର ଡିଏଚଏଚରୁ ଆରମ୍ଭ କରି ସବୁ ଡାକ୍ତରଖାନାରେ ଧାର୍ଯ୍ୟ ସଂଖ୍ୟା ଫାରା ମେଡିକାଲ ଷ୍ଟାଫ, ନର୍ସିଂଅଫିସର, ଫାର୍ମଶିଷ୍ଟ, ଟେକ୍ନିସିୟାନ, ଆଟେଣ୍ଡା□ ଭଳି ଅତ୍ୟନ୍ତ ଆବଶ୍ୟକ ପଦବି ଖାଲି ପଡିଛିୟ ଜିଲ୍ଲା ସଦର ମହକୁମାରୁ ପିଏଚସି ଯାଏଁ ଅନୁସଙ୍ଗିକ ଭିତିଭୂମିକୁ ସୁଧାରିବା ପାଇଁ ନୂଆ କୋଠା ନିର୍ମାଣ ସହ ଅତ୍ୟାଧୁନି ଯନ୍ତ୍ରପାତି ଯୋଗାଇଛନ୍ତି। ଏହାବାଦେ ଘରୋଇ କମ୍ପାନି ସହ ପର୍ବ୍ଲିକ ପ୍ରାଇଭେଟ ପାର୍ଟନରସିଫ(ପିପିପି) ମୋଡରେ ରକ୍ତପରୀକ୍ଷା ଠାରୁ ଆରମ୍ଭ କରି ଡାଏଲସିସ୍ ଭଳି ଅତ୍ୟାଧୁନିକ ସେବା ସହ ରୋଗୀଙ୍କୁ ସହଯୋଗ କରିବାକୁ ହେଲ୍ପଡେସ୍କ କର୍ମଚାରୀ ରହିଛନ୍ତି। ଡିଏଚଏଚକୁ ରୋଗୀ ଗଲେ କୋରାପୁଟ, ବିଶାଖାପାଟଣା, ବ୍ରହ୍ମପୁର ଆଦି ସ୍ଥାନକୁ ରେଫରାଲ କରାଯାଉଛି। ସେଠାରେ ବୀମାକାର୍ଡର ସବୁ ଟଙ୍କାକୁ ଶୋଷି ନେଉଥିବା ଅଭିଯୋଗ ହୋଇଛି। ତେଣୁ ବହୁ ରୋଗୀ ଏବେ ନବରଙ୍ଗପୁର, ଉମରକୋଟ ଓ ଧୋଡ୍ରାରେ ଥିବା ଘରୋଇ ଡାକ୍ତରଖାନା, ନର୍ସିଂ ହୋମ, କ୍ଲିନିକ୍ ଆଦିକୁ ଯାଇ ଚିକିତ୍ସିତ ହେଉଛନ୍ତି।

ଜିଲ୍ଲାରେ ୧୦୮ଆମ୍ବୁଲାନସ୍(ବିଏଲଏସ) ୨୪ଟି, ୨ଗୋଟି ଅତ୍ୟାଧୁନିକ ଆମ୍ବୁଲାନସ୍ (ଏଏଲଏସ) ଓ ୧୩ଗୋଟି ଜନନୀ ସୁରକ୍ଷା ଯୋଜନା ଆମ୍ବୁଲାନସ୍ ରହିଛି।। ତେବେ ଅଧିକାଂଶ ଆମ୍ବୁଲାନସ୍ ଯନ୍ତ୍ରାଂଶ ଖରାପ ହୋଇ ଡିଏଚଏଚ ପରିସରରେ ପଡି ରହିଛି। ଖାଲି ପଡିଥିବା ସିଡିଏମଓ ଡ.ମଳୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଖାଲିପଡିଥିବା ଡାକ୍ତର ଓ ପାରାଷ୍ଟାଫ ପୂରଣ ପାଇଁ ରାଜ୍ୟସରକାରଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

ମହାସଙ୍କଟରେ କାଙ୍ଗାଳ ପାକିସ୍ତାନ

ନୂଆଦିଲ୍ଲୀ: ତୈଳ ବଜାରରେ ଭୟଙ୍କର ନିଆଁ । ମହାସଙ୍କଟରେ କାଙ୍ଗାଳ ପାକିସ୍ତାନ । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ପାକିସ୍ତାନର ଅଣ୍ଟା ଭାଙ୍ଗି ଦେଇଛି । ଦେଶରେ ସ୍ଥିତି ଏମିତି ହୋଇଛି ଯେ ସାଧାରଣ ଜନତାଙ୍କ ପାଇଁ ପେଟ୍ରୋଲ କିଣିବା ଏକ ପ୍ରକାର ସ୍ୱପ୍ନ ପାଲଟିଛି, କାରଣ ତେଲ ଦର ଆକାଶଛୁଆଁ ହେଲାଣି । ବଢୁଥିବା ତେଲ ଦରକୁ ଦେଖି ଦେଶର ଖର୍ଚ୍ଚ କାଟ୍ ପାଇଁ ଅଣ୍ଟା ଭିଡ଼ିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ । କେବଳ ସେତିକି ନୁହେଁ, ଶକ୍ତି ବଞ୍ଚାଇବା ନାଁରେ ପିଲାଙ୍କ ଭବିଷ୍ୟତ ଉପରେ ତାଲା ପକାଇ ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଛି। ସରକାର ଏତେ ଅସହାୟ ଯେ ମନ୍ତ୍ରୀମାନଙ୍କୁ ଦରମା ଦେବାକୁ ବି ଅଣ୍ଟିରେ ପଇସା ନାହିଁ । ସେମାନଙ୍କୁ ବିଦେଶ ଗସ୍ତରେ ପଠାଇବାକୁ ବି ସମ୍ବଳ ନାହିଁ। ଇନ୍ଧନ ଏବଂ ବିଦ୍ୟୁତ୍ ଖର୍ଚ୍ଚ କମାଇବା ପାଇଁ ସରକାରୀ ଅଫିସ ମାତ୍ର ଚାରି ଦିନ ଖୋଲୁଛି ଏବଂ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା କୌଣସି ଡିଜିଟାଲ୍ କ୍ରାନ୍ତି ନୁହେଁ, ବରଂ ଏକ ଦେଶ ଦେବାଳିଆ ହେବାର କରୁଣ ଚିତ୍ର। ଯେତେବେଳେ ଗୋଟିଏ ଦେଶର ଶାସନ ବ୍ୟବସ୍ଥା ନିଜର ମନ୍ତ୍ରୀଙ୍କ ସୁବିଧା କାଟ୍ କରିବାକୁ ବାଧ୍ୟ ହୁଏ, ସେତେବେଳେ ବୁଝିବାକୁ ହେବ ଯେ ଦେଶରେ କେତେ ଭୟଙ୍କର ସଙ୍କଟ ସୃଷ୍ଟି ହୋଇଛି । ପାକିସ୍ତାନରେ ପେଟ୍ରୋଲ ଏବଂ ଡିଜେଲ ଦରରେ ପ୍ରାୟ ୨୦% ବୃଦ୍ଧି ଘଟିଛି। ଲିଟର ପିଛା ଦାମ୍ ୫୫ ଟଙ୍କା (ପାକିସ୍ତାନୀ ମୁଦ୍ରା) ବଢ଼ିବା ପରେ ପେଟ୍ରୋଲ ଏବେ ୩୩୫.୮୬ ଟଙ୍କା ଏବଂ ଡିଜେଲ ୩୨୧.୧୭ ଟଙ୍କାରେ ପହଞ୍ଚିଛି। ଏହି ଖବର ପ୍ରସାରିତ ହେବା ପରେ ଲାହୋର ଓ କରାଚି ଭଳି ବଡ଼ ସହରର ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଲୋକମାନେ ଆଗାମୀ ଦିନରେ ତେଲ ଅଭାବ ହେବା ଆଶଙ୍କାରେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇଛନ୍ତି।

କୋଭିଡ ୧୯ ଭ୍ୟାକସିନ ଯୋଗୁଁ ଯେଉଁ ଜୀବନ ଯାଇଛି, ସେମାନଙ୍କୁ କ୍ଷତିପୂରଣ ମିଳୁ

ନୂଆଦିଲ୍ଲୀ : କେନ୍ଦ୍ର ସରକାରଙ୍କୁ କୋଭିଡ ଭ୍ୟାକସିନ ଯୋଗୁଁ ହୋଇଥିବା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା କ୍ଷତି ପାଇଁ କ୍ଷତିପୂରଣ ନୀତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟ କହିଛନ୍ତି, ଭ୍ୟାକସିନ୍ର କୁପ୍ରଭାବ ସମସ୍ତଙ୍କ ଉପରେ ପଡିଛି । ତେଣୁ ଏହାର ସଂଖ୍ୟା ବେଳେ ବେଳେ ସାର୍ବଜନିତ ହେବା ଜରୁରୀ । କୋର୍ଟ ଭିନ୍ନ ବିଶେଷଜ୍ଞ କମିଟି ଗଠନ କରିବା ଦାବିକୁ ମାନିନଥିଲେ । କୋଭିଡ ୧୯ ଭ୍ୟାକସିନର କୁପ୍ରଭାବ ଯୋଗୁଁ ହୋଇଥିବା ପ୍ରାଣହାନୀ ମାମଲାର ଯାଚିକା ଶୁଣାଣି ସମୟରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟରେ ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହତାଙ୍କ ବେଞ୍ଚର ଶୁଣାଣି କରିଥିଲେ । ଯାଚିକାରେ କୁହାଯାଇଛି କି, କୋଭିଡ ୧୯ ଭ୍ୟାକସିନ ପରେ ଏହାର ପ୍ରଭାବ ଯୋଗୁଁ ପ୍ରାଣ ହରାଇଥିବା ପରିବାରକୁ କ୍ଷତିପୂରଣ ଦିଆଯିବା ଜରୁରୀ । ଏବେ ଅଦାଲତ ଏହି ଯାଚିକାର ଶୁଣାଣି କରି କହିଛନ୍ତି, ଟୀକାକରଣ ପରେ ପଡିଥିବା କୁପ୍ରଭାବ ତଦାରଖ କରିବା ପାଇଁ ବ୍ୟବସ୍ଥା ଜାରି ରହିବ । କୋର୍ଟ କିଛି ଅଭିଭାବକଙ୍କ ଯାଚିକା ଉପରେ ଶୁଣାଣି କରି ଆଦେଶ ଜାରି କରିଛନ୍ତି । ଏଥିରେ ଦୁଇ ଝିଅ କୋଭିଡ ଭ୍ୟାକସିନ କୁପ୍ରଭାବ ଯୋଗୁଁ ଜୀବନ ଚାଲିଯାଇଥିଲା । ଯାଚିକାରେ କମିଟି ଗଠନ କରି ମୃତ୍ୟୁର ଯାଞ୍ଚ ଏବଂ ବ୍ୟବଚ୍ଛେଦ କରିବାର ଯାଞ୍ଚ ରିପୋର୍ଟ ଜାରି କରିବାକୁ ଦାବି କରାଯାଇଥିଲା । ଯାଚିକାରେ କୁହାଯାଇଥିଲା କି, ପୀଡିତାଙ୍କ ବାପାମାଙ୍କୁ କ୍ଷତିପୂରଣ ଦିଆଯିବା ସହିତ ଏଥିପାଇଁ ଗାଇଡଲାଇନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା କି, ବିପର୍ଯ୍ୟୟ ପରିଚାଳନା ତରଫରୁ ଏଭଳି ମୃତ୍ୟୁ ପାଇଁ କୌଣସି କ୍ଷତିପୂରଣକୁ ପଲିସି ନାହିଁ । ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ କି, କୋଭିଡ ୧୯ ଭ୍ୟାକସିନ ନେବା ପରେ ଗମ୍ଭୀର କୁପ୍ରଭାବକୁ ନେଇ କ୍ଷତିପୂରଣ ନୀତି କରାଯାଉ । ଏହାସହିତ କୁପ୍ରଭାବ ମାମଲାକୁ ଦେଖି ବର୍ତ୍ତମାନର ବ୍ୟବସ୍ଥା ଜାରି ରହିଛି । ଏହାସହିତ ଜଡିତ ଜରୁରୀ ଡାଟା ମଧ୍ୟ ସାର୍ବଜନୀନ କରାଯାଇପାରିବ ।

ଯୁଦ୍ଧଜାହାଜ ବୁଡ଼ାଇବାରେ ଭାରି ମଜା ଲାଗେ; ୧୦୪ ଇରାନୀ ନାବିକଙ୍କୁ ହତ୍ୟା ଘଟଣାରେ ଲଜ୍ଜାଜନକ ମନ୍ତବ୍ୟ ଦେଲେ ଟ୍ରମ୍ପ

ୱାଶିଂଟନ: ଭାରତ ମହାସାଗରରେ ଇରାନୀ ଜାହାଜ ଆଇରିସ୍ ଡେନା ଉପରେ ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ କହିଛନ୍ତି, ତାଙ୍କ ସୈନିକମାନେ ଇରାନୀ ଜାହାଜ ବୁଡ଼ିବାର ମଜା ନେଉଛନ୍ତି। ବିଶେଷଜ୍ଞ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଲଜ୍ଜାଜନକ ବିବୃତି ଦର୍ଶାଉଛି, ଆମେରିକା କେତେ ଗର୍ବୀ ହୋଇଗଲାଣି । ଦେଶର ସାମରିକ ଅଧିକାରୀମାନେ ସୈନିକମାନଙ୍କୁ ହତ୍ୟା କରିବାର ମଜା ନେଉଛନ୍ତି। ଡୋନାଲ୍ଡ ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ ଆମେରିକାର ସାମରିକ ବାହିନୀ ଗତ ସାଢ଼େ ତିନି ଦିନରେ ୪୬ଟି ଇରାନୀ ନୌସେନା ଜାହାଜକୁ ବୁଡ଼ାଇ ଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ଅନୁସାରେ, ସାମରିକ ଅଧିକାରୀଙ୍କ ସହିତ କଥାବାର୍ତ୍ତା ସମୟରେ ମୁଁ ପଶ୍ନ କରିଥିଲି ଜାହାଜକୁ ଜବତ ନକରି କାହିଁକି ବୁଡ଼ାଇଲ। ସାମରିକ ଅଧିକାରି କହିଥିଲେ, ଜାହାଜ ବୁଡ଼ାଇବା ଜବତ କରିବା ଅପେକ୍ଷା ଅଧିକ ମଜାଦାର। ଏପରି କରିବା ଅଧିକ ସୁରକ୍ଷିତ। ଏହା ସମ୍ଭବତଃ ସତ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଡୋନାଲ୍ଡ ଟ୍ରମ୍ପ ଏହି ଉପାଖ୍ୟାନକୁ ବର୍ଣ୍ଣନା କରିବା ସମୟରେ ନିର୍ଲଜ୍ଜ ଭାବରେ ହସିଥିଲେ। ସତେ ଯେପରି ତାଙ୍କର ଇରାନୀ ସୈନିକଙ୍କ ମୃତ୍ୟୁକୁ ନେଇ କେ?ଣସି ସୋଚନା ଅବା ଅନୁତାପ ନାହିଁ। ଏବେ ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଛି।

ମହଙ୍ଗା ହେଉଛି ବିମାନ ଯାତ୍ରା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିମାନ ଇନ୍ଧନ ମହଙ୍ଗା ହେବାରେ ଲାଗିଛି। ତାହାର ପ୍ରଭାବରେ ବିଶ୍ୱର ବିଭିନ୍ନ ପ୍ରାନ୍ତର ଏୟାରଲାଇନ୍ସ ଟିକଟ ମୂଲ୍ୟ ବଢ଼ାଇବା ଆରମ୍ଭ କରିଛନ୍ତି। ଆଭିଏସନ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟ ହଠାତ୍ ବଢ଼ିଯିବା କାରଣରୁ କମ୍ପାନିଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯାଇଛି। ତାହାକୁ ଦୃଷ୍ଟିରେ ରଖି ସେମାନେ ଟିକଟ୍ ମୂଲ୍ୟ ବଢ଼ାଉଛନ୍ତି। ଅଷ୍ଟ୍ରେଲିଆର କ୍ୱାଣ୍ଟାସ୍ ଏୟାରୱେଜ୍, ସ୍କାଣ୍ଡିନାଭିଆର ଏସ୍‌ଏଏସ୍ ଓ ନ୍ୟୁଜିଲ୍ୟାଣ୍ଡର ଏୟାର ନ୍ୟୁଜିଲ୍ୟାଣ୍ଡ ଟିକଟ ଦର ବଢ଼ାଇଛନ୍ତି। ଯୁଦ୍ଧ ପୂର୍ବରୁ ବିମାନ ଇନ୍ଧନର ବ୍ୟାରେଲ୍ ପିଛା ଦର ୮୫-୯୦ ଡଲାର ଥିଲା। ଏବେ ତାହା ୧୫୦-୨୦୦ ଡଲାରରେ ପହଞ୍ଚିଛି। ହର୍ମୁଜ ପ୍ରଣାଳୀ ଦେଇ ତେଲ ଜାହାଜ ସ୍ୱାଭାବିକ ଭାବେ ଚଳାଚଳ କରିପାରୁନଥିବାରୁ ତେଲ ଦର ବଢୁଛି। ଯଦି ଏହି ସ୍ଥିତି ଲମ୍ବା ସମୟ ଲାଗିରହିବ ତେବେ ବିମାନ ଟିକଟ ଆହୁରି ମହଙ୍ଗା ହେବ ଓ ବିମାନ ଯାତ୍ରା ଚାହିଦା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଆକାଶମାର୍ଗ ବନ୍ଦ ଓ ସୀମିତ କ୍ଷମତା କାରଣରୁ ଏସିଆ ଓ ୟୁରୋପ ମଧ୍ୟରେ ବିମାନ ଭଡ଼ା ଆକାଶଛୁଆଁ ସ୍ତରରେ ପହଞ୍ଚିଛି। ହଂକଂ ଏୟାରଲାଇନ୍ସ ମଧ୍ୟ ତେଲର ବର୍ଦ୍ଧିତ ଦରକୁ ନେଇ ଚିନ୍ତା ପ୍ରକଟ କରିଛି। ଏହା ହଂକଂ, ମାଲଦ୍ୱୀପ, ବାଂଲାଦେଶ ଓ ନେପାଳ ମଧ୍ୟରେ ଯାତ୍ରାକୁ ପ୍ରଭାବିତ କରିବ ବୋଲି କମ୍ପାନି ଆଶଙ୍କା କରୁଛି।

ଶାନ୍ତି ସ୍ଥାପନକାରୀ ପାଲଟିଲେ ପୁଟିନ: ଇରାନ-ଇସ୍ରାଏଲ ଯୁଦ୍ଧ ଶେଷ ପାଇଁ ଟ୍ରମ୍ପଙ୍କ ସହ ଫୋନ୍‌ରେ କଲେ ଆଲୋଚନା

ମସ୍କୋ/ୱାସିଂଟନ: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତ ଚାରି ବର୍ଷ ଧରି ୟୁକ୍ରେନ ସହିତ ଯୁଦ୍ଧରେ ଫସି ରହିଛନ୍ତି। ଏବେ ସେ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଥିବା ଦେଖାଯାଉଛି। ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ୍ ଆଲୋଚନାରେ ପୁଟିନ ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ଠୋସ୍ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ମଧ୍ୟପ୍ରାଚ୍ୟ ପାଇଁ କୂଟନୈତିକ ସମାଧାନ ଉପରେ ଏହି ଆଲୋଚନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି କାରଣ ଇରାନକୁ ରୁଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଣା ସହଯୋଗୀ ଭାବରେ ବିବେଚନା କରାଯାଏ। ୧୧ ଦିନ ଧରି ଜାରି ରହିଥିବା ଏହି ମହାଯୁଦ୍ଧ ମଧ୍ୟରେ, ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଛି।

ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନା ଆମେରିକା ଦ୍ୱାରା ଆରମ୍ଭ ହୋଇଥିଲା। ଦୁଇ ନେତା ପଶ୍ଚିମ ଏସିଆର ଗମ୍ଭୀର ପରିସ୍ଥିତି ଏବଂ ଫେବୃଆରି ୨୮ ରେ ଆରମ୍ଭ ହୋଇଥିବା ଯୁଦ୍ଧର ଅନ୍ତ କିପରି ହେବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସାମରିକ ଅଭିଯାନକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜନୈତିକ ଏବଂ କୂଟନୈତିକ ଉପାୟ ଖୋଜିବା ହେଉଛି ସମୟର ଆବଶ୍ୟକତା ବୋଲି ପୁଟିନ କହିଛନ୍ତି। ପୁଟିନ ସ୍ପଷ୍ଟ କରିଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ ଏହା କେବଳ ବିଶ୍ୱ ଅସ୍ଥିରତା ବୃଦ୍ଧି କରିବ, ତେଣୁ ଏହାର ତୁରନ୍ତ ସମାଧାନ ଜରୁରୀ। ଭବିଷ୍ୟତରେ ଆହୁରି କ୍ଷତି ଏଡାଇବା ପାଇଁ ଆଲୋଚନାର ଦ୍ୱାର ଖୋଲା ରଖିବା ଉଭୟ ଦେଶର ସ୍ୱାର୍ଥରେ ବୋଲି ଦୁଇ ନେତା ସହମତ ହୋଇଛନ୍ତି।

ଇରାନ ପ୍ରସଙ୍ଗ ବ୍ୟତୀତ, ରାଷ୍ଟ୍ରପତି ପୁଟିନ ଟ୍ରମ୍ପଙ୍କୁ ୟୁକ୍ରେନୀୟ ଯୁଦ୍ଧର ସ୍ଥିତି ଏବଂ ରୁଷୀୟ ସାମରିକ ବାହିନୀର ସାମ୍ପ୍ରତିକ ସଫଳତା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଛନ୍ତି। ସେ କହିଛନ୍ତି, ଫ୍ରଣ୍ଟଲାଇନ୍‌ରେ ରୁଷୀୟ ସୈନ୍ୟମାନେ ସ୍ଥିର ଭାବରେ ଆଗକୁ ବଢୁଛନ୍ତି ଏବଂ ଅନେକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ସଫଳତା ହାସଲ କରୁଛନ୍ତି। ଡିସେମ୍ବର ପରେ ଏହା ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ଆଲୋଚନା ଏବଂ ଏହା ୟୁକ୍ରେନୀୟ ଏବଂ ଇରାନୀୟ ଉଭୟ ସମ୍ମୁଖର ଭବିଷ୍ୟତର ଗତିପଥ ନିର୍ଣ୍ଣୟ କରିପାରେ ବୋଲି ଚର୍ଚ୍ଚା ହେଉଛି। ୟୁକ୍ରେନରେ ସାମରିକ ଅଭିଯାନ ଚାରି ବର୍ଷ ପୂରଣ କରିବାକୁ ଯାଉଛି, ଏବଂ ପୁଟିନଙ୍କ ଶାନ୍ତି ସ୍ଥାପନକାରୀ ଭୂମିକା ଅନ୍ତର୍ଜାତୀୟ କୂଟନୀତିରେ ଏକ ପ୍ରମୁଖ ପରିବର୍ତ୍ତନ ଭାବରେ ଦେଖାଯାଉଛି। ସେ ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଛନ୍ତି, ରୁଷ ଏହି ଅଞ୍ଚଳରେ ଶାନ୍ତି ଚାହୁଁଛି କିନ୍ତୁ ନିଜର ସୁରକ୍ଷା ଏବଂ ସ୍ୱାର୍ଥ ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ। ଟ୍ରମ୍ପ ପୁଟିନଙ୍କ କଥା ଧ୍ୟାନର ସହିତ ଶୁଣିବା ସହ ୟୁକ୍ରେନ ସଙ୍କଟର ସମାଧାନ ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଗ୍ୟାସର ଅଭାବ ହେବା ଆଶଙ୍କା କରି ଏସମା ଲାଗୁ କଲେ କେନ୍ଦ୍ର ସରକାର

ଦେଶରେ ଏଲପିଜି ସଙ୍କଟ ଚିନ୍ତା ବଢାଇବା ପରେ ଏଲପିଜି ଯୋଗାଣ ପାଇଁ ଏସମା ଲାଗୁ । ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଶେଷ ନେଇ ଅନିଶ୍ଚିତତା ଦେଖାଯାଇଥିବାରୁ ଭବିଷ୍ୟତରେ ରୋଷେଇ ଗ୍ୟାସର ଅଭାବ ଉତ୍କଟ ହେବା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର 'ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅତ୍ୟାବଶ୍ୟକ ସେବା ନିୟନ୍ତ୍ରଣ ଆଇନ- ଏସମା ଲାଗୁ କରିଛନ୍ତି । ଏହା ଦ୍ୱାରା ଘରୋଇ ଗ୍ରାହକଙ୍କୁ ଗ୍ୟାସ୍ ଯୋଗାଣରେ କୌଣସି ସମସ୍ୟା ହେବନାହିଁ। ଦେଶର ସମସ୍ତ ତୈଳ ବିଶୋଧନାଗାରକୁ ଅଧିକରୁ ଅଧିକ ଏଲପିଜି ଗ୍ୟାସ ଉତ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେବଳ ରୋଷେଇ ପାଇଁ ଗ୍ୟାସକୁ ଇଣ୍ଡେନ, ଭାରତ ଗ୍ୟାସ୍ ଏବଂ ଏଚ ଗ୍ୟାସ୍ କମ୍ପାନୀକୁ ଦିଆଯିବ। ସାଧାରଣ ଲୋକେ ଭୟଭୀତ ହୋଇ ଗ୍ୟାସ୍ ଗଚ୍ଛିତ କରି ରଖନ୍ତୁ ନାହିଁ କିମ୍ବା ଲମ୍ବା ଲାଇନରେ ଠିଆ ନହେବାକୁ ପରାମର୍ଶ ଦେଇଛନ୍ତି ବିଭିନ୍ନ ତୈଳ କଂପାନୀ। ସେପଟେ ତୈଳ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଆଲୋଚନା କରିଛନ୍ତି ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀ । ଦେଶର ବିଭିନ୍ନ ସ୍ଥାନରେ ରୋଷେଇ ଗ୍ୟାସ ଯୋଗାଣରେ ଦେଖାଦେଇଥିବା ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହା ସହ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ନେଇ ମଧ୍ୟ ଜଣାଇଛନ୍ତି । ସେପଟେ ଅନେକ ରାଜ୍ୟରେ କମର୍ସିଆଲ ଗ୍ୟାସ ଯୋଗାଣ ଉପରେ କଟକଣା ଲାଗୁ ହୋଇଥିବାରୁ ହୋଟେଲ ବ୍ୟବସାୟୀ ସଂଘଙ୍କ ମଧ୍ୟରେ ଚିନ୍ତା ବଢ଼ିଛି ।

ସାରା ଦେଶରେ ଏଲପିଜି ଟେନସନ୍, ଆଜିଠାରୁ ବନ୍ଦ ରହିବ ହୋଟେଲ ଓ ରେଷ୍ଟୁରାଣ୍ଟ

ବେଙ୍ଗାଲୁରୁ : ସାରା ଦେଶରେ ଏଲପିଜି ଟେନସନ୍ । ଆଜିଠାରୁ ବେଙ୍ଗାଲୁରୁରେ ବନ୍ଦ ରହିବ ହୋଟେଲ । ହୋଟେଲ ଆସୋସିଏସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପ୍ରଭାବିତ ହେବେ ହଜାର ହଜାର ଲୋକ । ପଶ୍ଚିମ ଏସିଆରେ ଆମେରିକା, ଇସ୍ରାଏଲ ଏବଂ ଇରାନ ସହିତ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ଶକ୍ତି ବଜାର ଅସ୍ଥିରତାର ସମ୍ମୁଖୀନ ହେଉଥିବାରୁ ଏହି ବାଧା ସୃଷ୍ଟି ହୋଇଛି। ଆସୋସିଏସନ ଅନୁଯାୟୀ ତୈଳ କମ୍ପାନୀଗୁଡ଼ିକ ପୂର୍ବରୁ ସୂଚାଇ ଦେଇଥିଲେ ଯେ, ୭୦ ଦିନ ପାଇଁ ଏଲପିଜି ଯୋଗାଣରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ତେଣୁ ହଠାତ୍ ବନ୍ଦ ହେବା ହୋଟେଲ ଶିଳ୍ପ ପାଇଁ ଏକ ଝଟକା ପାଲଟିଛି । ସୂଚନାନୁଯାୟୀ, ଯଦି ଗ୍ୟାସ୍ ଯୋଗାଣ ନହୁଏ ତେବେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଗୋଟିଏ ପରେ ଗୋଟିଏ ବନ୍ଦ ହେବା ଆରମ୍ଭ ହେବ ବୋଲି ବେଙ୍ଗାଲୁରୁ ହୋଟେଲ ଆସୋସିଏସନର ସଭାପତି କହିଥିଲେ । ସିଲିଣ୍ଡର ଯୋଗାଣରେ ବାଧାପ୍ରାପ୍ତ ହେବାରୁ ହୋଟେଲ ଅପରେଟରଙ୍କ ପାଖରେ ବ୍ୟବସାୟ ବନ୍ଦ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଯାହା ଦ୍ୱାରା ସହରକୁ ଯାତାୟାତ କରୁଥିବା ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେବେ ।

ଏହାରି ମଧ୍ୟରେ ଏଲପିଜି ସିଲିଣ୍ଡରର କଳାବଜାରୀକୁ ରୋକିବା ପାଇଁ ସରକାର ବୁକିଂ ସମୟକୁ ୨୧ରୁ ୨୫ ଦିନକୁ ବୃଦ୍ଧି କରିଛନ୍ତି । ସରକାର ରିଫାଇନାରୀମାନଙ୍କ ଏଲପିଜି ପ୍ରଡକ୍ସନଗୁଡିକ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସରକାର କମ୍ପାନୀଗୁଡିକୁ ବାଣିଜ୍ୟିକ ଗ୍ୟାସ୍ ସଂଯୋଗ ଅପେକ୍ଷା ଘରୋଇ ଏଲପିଜି ସଂଯୋଗକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଲଜେରିଆ, ଅଷ୍ଟ୍ରେଲିଆ, କାନାଡା ଏବଂ ନରୱେ ସମେତ ଅନେକ ଦେଶ ଏଲପିଜି ଗ୍ୟାସ୍ ବିକ୍ରି କରିବା ପାଇଁ ଭାରତ ସହିତ ଯୋଗାଯୋଗ କରିଛନ୍ତି ।

ବିପଦର ବନ୍ଧୁ ଭାରତ: ବାଂଲାଦେଶକୁ ପାଇପ୍ ଲାଇନ୍‌ରେ ଯୋଗାଇଲା ୫ ହଜାର ଟନ୍ ଡିଜେଲ

ନୂଆଦିଲ୍ଲୀ/ଢାକା: ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ବାଂଲାଦେଶ ପାଇଁ ବିପଦର ବନ୍ଧୁ ପାଲଟିଛି ଭାରତ। ମଙ୍ଗଳବାର ଭାରତରୁ ବାଂଲାଦେଶକୁ ପାଇପ୍ ?ଲାଇନ୍ ? ମାଧ୍ୟମରେ ୫,୦୦୦ ଟନ୍ ଡିଜେଲ ପଠାଯାଉଛି। ଏହି ଡିଜେଲ ପାର୍ବତୀପୁର ସୀମା ଦେଇ ବାଂଲାଦେଶରେ ପ୍ରବେଶ କରିବ । ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନ (ବିପିସି)ର ଅଧ୍ୟକ୍ଷ ମହମ୍ମଦ ରେଜାନୁର ରହମାନ ଏହା ସୂଚନା ଦେଇଛନ୍ତି। ସେକହିଛନ୍ତି, ଆମର ଭାରତ ସହିତ ଏକ ଚୁକ୍ତି ଅଛି, ଏବଂ ସେହି ଚୁକ୍ତି ଅନୁଯାୟୀ, ଭାରତ ପ୍ରତିବର୍ଷ ପାଇପ୍ ?ଲାଇନ୍ ? ମାଧ୍ୟମରେ ବାଂଲାଦେଶକୁ ୧୮୦,୦୦୦ ଟନ୍ ଡିଜେଲ ଯୋଗାଇବ। ବର୍ତ୍ତମାନ ଆସୁଥିବା ୫,୦୦୦ ଟନ୍ ଡିଜେଲ ସେହି ଚୁକ୍ତିର ଏକ ଅଂଶ। ଚୁକ୍ତି ଅନୁଯାୟୀ, ଛଅ ମାସ ମଧ୍ୟରେ ବାଂଲାଦେଶକୁ ଅତି କମରେ ୯୦,୦୦୦ ଟନ୍ ଡିଜେଲ୍ ପଠାଯିବ। ମଙ୍ଗଳବାର ଆସୁଥିବା କନସାଇନମେଣ୍ଟ ୫,୦୦୦ ଟନ୍, ଏବଂ ଆମେ ଆଶା କରୁଛୁ ଯେ, ଆଗାମୀ ଦୁଇ ମାସ ମଧ୍ୟରେ, ଆମେ ସମ୍ପୂର୍ଣ୍ଣ ଛଅ ମାସ ପାଇଁ ମୋଟ ଡିଜେଲ ପରିମାଣ ପାଇବୁ ବୋଲି ବିପିସି ଅଧ୍ୟକ୍ଷ କହିଛନ୍ତି। ସପ୍ତାହର ଆରମ୍ଭରେ, ବାଂଲାଦେଶ ରବିବାର ଇନ୍ଧନ ଷ୍ଟକ୍ ସ୍ଥିତି ଯାଞ୍ଚ କରିବା ପାଇଁ ଅଭିଯାନ ଚଳାଇଥିଲା ବୋଲି ଶକ୍ତି ମନ୍ତ୍ରଣାଳୟ କହିଛି। ବର୍ତ୍ତମାନର ସଙ୍କଟକାଳୀନ ପରିସ୍ଥିତିରେ, ବିଭିନ୍ନ ଗଣମାଧ୍ୟମ ରିପୋର୍ଟ କରିଛନ୍ତି ଯେ କିଛି ଅସାଧୁ ବ୍ୟବସାୟୀ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ବେଆଇନ ଭାବରେ ଇନ୍ଧନ ଗଚ୍ଛିତ କରୁଛନ୍ତି। ବାଂଲାଦେଶ ଶକ୍ତି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ସଙ୍କଟର ସମାଧାନ ପାଇଁ, ସରକାର ଯାନବାହାନ ଉପରେ ଆଧାର କରି ଇନ୍ଧନ ଯୋଗାଣ ସୀମା ସ୍ଥିର କରିସାରିଛନ୍ତି। ଏହା ଦେଖାଯାଉଛି ଯେ ବିଭିନ୍ନ ପେଟ୍ରୋଲ ପମ୍ପ/ଫିଲିଂ ଷ୍ଟେସନରେ, ସରକାର ଦ୍ୱାରା ଅନୁମୋଦିତ ସୀମାଠାରୁ ଅଧିକ ପରିମାଣରେ ଇନ୍ଧନ ବିକ୍ରି କରାଯାଉଛି, ଅତ୍ୟଧିକ ଲାଭ ପାଇଁ ଅତିରିକ୍ତ ଷ୍ଟକ୍ ଗଚ୍ଛିତ ରଖାଯାଉଛି। ଖୋଲା ବଜାରରେ ଇନ୍ଧନ ବିକ୍ରୟ ଓ ଚୋରାଚାଲାଣ ହେବାର ଆଶଙ୍କା ରହିଛି ବୋଲି ମନ୍ତ୍ରଣାଳୟ କହିଛି।

ମଧ୍ୟପ୍ରାଚ୍ୟରେ ତୈଳ ଉତ୍ପାଦନ କମିଲା: ତେଲ ରଖିବାକୁ ଜାଗା ନାହିଁ:ରପ୍ତାନି ବି ହୋଇପାରୁନି

ନୂଆଦିଲ୍ଲୀ: ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ବିଶ୍ୱର ପ୍ରମୁଖ ଜଳପଥ ହର୍ମୁଜ ପ୍ରଣାଳୀ ବନ୍ଦ ଆଶଙ୍କା ଦେଖାଦେଇଥିବାରୁ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ତେଲ ଉତ୍ପାଦନ କମ୍ କରିବା ଆରମ୍ଭ କରିଛନ୍ତି। ତୈଳ କୂପରୁ ବାହାରୁଥିବା ତେଲ ରଖିବା ଲାଗି ଥିବା ସଂରକ୍ଷଣ ବ୍ୟବସ୍ଥାଗୁଡ଼ିକ ଭର୍ତ୍ତି ହୋଇଯାଇଛି। ସେହି ତେଲ ଅନ୍ୟତ୍ର ପଠାଇବାର କୌଣସି ସୁବିଧା ନାହିଁ। ତେଣୁ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ତୈଳ ଉତ୍ପାଦନ କମ୍ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ଇରାକ ପରେ ସାଉଦି ଆରବ ତେଲ ଉତ୍ପାଦନ କମ୍ କରିଛି। ରପ୍ତାନିକୁ କୌଣସି ପ୍ରକାରରେ ଜାରି ରଖିବାକୁ ଏହା ଲୋହିତ ସାଗର ପଥକୁ ବ୍ୟବହାର କରୁଛି।

ତଥାପି ତୈଳ ରପ୍ତାନି ପୂର୍ଣ୍ଣ କ୍ଷମତାରେ ପହଞ୍ଚିପାରୁନାହିଁ। ସେଥିପାଇଁ ଏହା ତେଲ ଉତ୍ପାଦନ କମ୍ କରିଛି। ପୂର୍ବରୁ ୟୁଏଇ ଏହାର ତେଲ ଉତ୍ପାଦନ ଦୈ?ନିକ ୫-୮ ଲକ୍ଷ ବ୍ୟାରେଲ୍ ହ୍ରାସ କରିଥିଲା। ନିଜ ତେଲ ପଠାଇବା ଲାଗି ଏହା ବିକଳ୍ପ ପଥ ଫୁଜାଇରାକୁ ବ୍ୟବହାର କରିଥିଲା। ସେହି ପଥ ଉପରେ ଇରାନ ଆକ୍ରମଣ କରିବା ପରେ ପରିବହନ ବାଧାପ୍ରାପ୍ତ ହୋଇଛି। ଇରାନ ସହ ଇସ୍ରାଏଲ୍ ଓ ଆମେରିକା ଯୁଦ୍ଧ ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ପ୍ରାୟ ବନ୍ଦ ରହିଛି। ଏହା ପାଖାପାଖି ୨୦୦ରୁ ଅଧିକ ଜାହାଜ ଅଟକି ରହିଛନ୍ତି। ଅନ୍ୟପକ୍ଷରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କୁଏତ୍ ତୈଳ ଉତ୍ପାଦନ କମ୍ କରିଛି। ସ୍ଥିତିରେ ସୁଧାର ଘଟିବା ପରେ ଏହା ଉତ୍ପାଦନ ବଢ଼ାଇବା ଉପରେ ବିଚାର କରିବ। ଇରାକରେ ମଧ୍ୟ ତୈଳ ଉତ୍ପାଦନ ୭୦ ପ୍ରତିଶତ ହ୍ରାସ ପାଇଛି।

ଇରାକରୁ ମଧ୍ୟ ରପ୍ତାନି ଗୁରୁତର ପ୍ରଭାବିତ ହୋଇଛି। ହର୍ମୁଜ ପ୍ରଣାଳୀରେ ଅବିରତ ଜାହାଜ ଚଳାଚଳ ହୋଇପାରୁନଥିବାରୁ କ୍ଷହା ମାତ୍ର ଦୁଇଟି ତେଲ ଟ୍ୟାଙ୍କର ପଠାଇପାରିଛି। ଅଳ୍ପଦିନ ଭିତରେ ଇରାକର ତୈଳ ସଂରକ୍ଷଣ ବ୍ୟବସ୍ଥା ତେଲରେ ଭର୍ତ୍ତି ହୋଇଯିବ। ଏହାପରେ ଇରାକ ବାଧ୍ୟହୋଇ ଉତ୍ପାଦନ କମ୍ କରିବ।ଇରାନର ଏକ ଡ୍ରୋନ ଆକ୍ରମଣ କରିବା ପରେ କତର ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ ବନ୍ଦ କରିଦିଆଯାଇଛି। ଏଲ୍‌ଏନ୍‌ଜି ଡେଲିଭରି ଠପ୍ ହୋଇଯାଇଛି। ଏହାର ପ୍ରଭାବରେ ଭାରତକୁ ଏଲ୍‌ଏନ୍‌ଜି ଯୋଗାଣ ୪୦ ପ୍ରତିଶତ ହ୍ରାସ ପାଇଛି। ତାହା ଦେଶରେ ବିଦ୍ୟୁତ୍ ଓ ସାର ଉତ୍ପାଦନ, ସିଏନ୍‌ଜି ଯୋଗାଣ ଓ ପାଇପ୍ ଜରିଆରେ ଯୋଗାଇ ଦିଆଯାଉଥିବା ରନ୍ଧନ ଗ୍ୟାସ୍ ଯୋଗାଣକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି କରିଛି।

ବିଶ୍ୱ ବିଜେତା ଟିମ୍ ଇଣ୍ଡିଆ ପାଇଁ ବିସିସିଆଇର ବଡ ଘୋଷଣା

ମିଳିବ ୧୦୦ କୋଟିରୁ ଅଧିକ ପୁରସ୍କାର

ନୂଆଦିଲ୍ଲୀ: ଟି-୨୦ ବିଶ୍ୱକପ୍ ୨୦୨୬ ବିଜେତା ଭାରତୀୟ ଦଳ ପାଇଁ ପୁଣି ଥରେ ଖଜାନା ଖୋଲିଛି ବିସିସିଆଇ । ଟିମ୍ ଇଣ୍ଡିଆର ଖେଳାଳି ଏବଂ ସପୋର୍ଟ ଷ୍ଟାଫଙ୍କ ପାଇଁ ବିସିସିଆଇ ୧୩୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି । ମାର୍ଚ୍ଚ ୮ରେ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇ ତୃତୀୟ ଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା । ଆଉ ମଙ୍ଗଳବାର ବିସିସିଆଇ ଖେଳାଳିଙ୍କ ପାଇଁ ମହା ପୁରସ୍କାରର ଘୋଷଣା କରିଛି ।

ବିସିସିଆଇ ନିଜର ପ୍ରେସ ରିଲିଜରେ କହିଛି ଯେ, ବୋର୍ଡ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ବିଜେତା ଦଳକୁ ଦମଦାର ପ୍ରଦର୍ଶନ ପାଇଁ ୧୩୧ କୋଟି ଟଙ୍କାର ପୁରସ୍କାର ଦେବାକୁ ଘୋଷଣା କରୁଛିଙ୍କ ଭାରତ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ତୃତୀୟ ଥର ଟ୍ରଫି ଉଠାଇଛି । ଏହା ସହ ଲଗାତାର ଦ୍ୱିତୀୟ ଥର ବିଶ୍ୱ ବିଜେତା ହୋଇଛି

ସମଗ୍ର ଟୁର୍ଣ୍ଣାମେଣ୍ଟରେ, ଦଳ ବିସ୍ଫୋରକ ବ୍ୟାଟିଂ, ଦୃଢ଼ ବୋଲିଂ ଏବଂ ଉତ୍କୃଷ୍ଟ କ୍ଷେତ୍ରରକ୍ଷଣ ପ୍ରଦର୍ଶନ କରିଥିଲା, ଯେଉଁଥିରେ ସଞ୍ଜୁ ସାମସନ, ଜସପ୍ରିତ ବୁମରାହ ଏବଂ ଅନ୍ୟାନ୍ୟ ଖେଳାଳିମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳସ୍ୱରୂପ, ଦଳ ରେକର୍ଡ ଭାଙ୍ଗି ପୁରସ୍କାର ରାଶି ପାଇବାକୁ ଯାଉଛି।ବିସିସିଆଇ ଶେଷ ଥର ୨୦୨୪ ବିଜେତା ଭାରତୀୟ ଦଳ ପାଇଁ ୧୨୫ କୋଟି ଟଙ୍କାର

ପୁରସ୍କାର ରାଶି ଘୋଷଣା କରିଥିଲା। କିନ୍ତୁ, ଏଥର ପୁରସ୍କାର ରାଶି ୬ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଟିମ୍ ଇଣ୍ଡିଆ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଜିତିଥିଲା। ସେତେବେଳେ ମଧ୍ୟ ବିସିସିଆଇ ୫୮ କୋଟି ଟଙ୍କା ଘୋଷଣା କରିଥିଲା। ଉଲ୍ଲେଖନୀୟ ଏହି ପୁରସ୍କାର ରାଶି ଆଇସିସି ଠାରୁ ପ୍ରାପ୍ତ ପୁରସ୍କାର ରାଶିଠାରୁ ଭିନ୍ନ। ଆଇସିସି ଚାମ୍ପିଅନ୍ ଦଳକୁ ମୋଟ ପୁରସ୍କାର ରାଶିରୁ ପ୍ରାୟ ୨୭.୫ କୋଟି ଟଙ୍କା ପ୍ରଦାନ କରିଥିଲା। ରନର୍ସଅପ୍ ନ୍ୟୁଜିଲ୍ୟାଣ୍ଡ ୧.୬ ନିୟୁତ ପାଇଥିଲା। ତଥାପି, ଖେଳାଳିମାନଙ୍କୁ ବିସିସିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ବୋନସ୍, ଭାରତୀୟ କ୍ରିକେଟ ଇତିହାସର ସବୁଠାରୁ ବଡ଼ ଦଳ ବୋନସ୍ ମଧ୍ୟରୁ ଗୋଟିଏ। ଏହି ପୁରସ୍କାର ଭବିଷ୍ୟତରେ ଖେଳାଳିମାନଙ୍କୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଜିତିବା ପାଇଁ ପ୍ରେରଣା ଦେବ।

ଅର୍ଶଦୀପଙ୍କ ମ୍ୟାଚ୍ ଫି’ କାଟିଲା

ନୂଆଦିଲ୍ଲୀ, ୧୦।୩: ଟିମ୍ ଇଣ୍ଡିଆର ଷ୍ଟାର ବୋଲର ଅର୍ଶଦୀପ ସିଂହଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ବା ଆଇସିସିରୁ ବଡ଼ ଝଟକା। ଓଉଡ ତାଙ୍କଠାରୁ ଜରିମାନା ଆଦାୟ କରିଛି। ରବିବାର ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଭାରତର ଟି-୨୦ ବିଶ୍ୱକପ୍ ଫାଇନାଲ୍ ସମୟରେ ଅର୍ଶଦୀପ ଏବଂ ମିଚେଲ ପରସ୍ପର ମଧ୍ୟରେ ବିବାଦ ହୋଇଥିଲା। । ଏହି ଘଟଣା ପାଇଁ ଅର୍ଶଦୀପଙ୍କୁ ଆଇସିସି ଆଚରଣ ସଂହିତାର ଲେଭଲ-୧ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି।

ଆଇସିସି ଅର୍ଶଦୀପ ସିଂହଙ୍କୁ ତାଙ୍କ ମ୍ୟାଚ୍ ଫିର ୧୫ ପ୍ରତିଶତ ଜରିମାନା କରିଛି। ଅର୍ଶଦୀପ ଆଇସିସି ଆଚରଣ ସଂହିତାର ଧାରା ୨.୯ ଉଲ୍ଲଂଘନ କରିଥିବାରୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି ନିୟମ ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ କୌଣସି ଖେଳାଳିଙ୍କ ଆଡକୁ ଅନୁପଯୁକ୍ତ କିମ୍ବା ବିପଦପୂର୍ଣ୍ଣ ଭାବରେ ବଲ କିମ୍ବା କ୍ରିକେଟ ଉପକରଣ ଫିଙ୍ଗିବା ସହିତ ଜଡିତ। ଜରିମାନା ବ୍ୟତୀତ, ଅର୍ଶଦୀପ ସିଂହଙ୍କୁ ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି। ଗତ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଏପରି ଉଲ୍ଲଂଘନ।

ନ୍ୟୁଜିଲାଣ୍ଡ ଇନିଂସର ୧୧ତମ ଓଭରରେ ଏହି ଘଟଣା ଘଟିଥିଲା। ଅର୍ଶଦୀପ ବଲ ଫିଲ୍ଡିଂ କରି ବ୍ୟାଟସମ୍ୟାନ ଡାରିଲ ମିଚେଲଙ୍କ ଆଡ଼କୁ ଦ୍ରୁତଗତିରେ ଫିଙ୍ଗିଥିଲେ, ଯାହା ତାଙ୍କ ପ୍ୟାଡରେ ବାଜିଥିଲା। ତଥାପି, ଭାରତୀୟ ବୋଲର ମ୍ୟାଚ୍ ରେଫରିଙ୍କ ଦ୍ୱାରା ଲାଗୁ ହୋଇଥିବା ଦଣ୍ଡକୁ ଗ୍ରହଣ କରିଥିବାରୁ ଆନୁଷ୍ଠାନିକ ଶୁଣାଣି ଆବଶ୍ୟକ ନଥିଲା। ଓଭର ପରେ ଡାରିଲ ମିଚେଲ ଏବଂ ଅର୍ଶଦୀପ ସିଂହ ମଧ୍ୟ ହାତ ମିଳାଉଥିବାର ଦେଖାଯାଇଥିଲା। ଲେଭଲ-୧ ଉଲ୍ଲଂଘନ ପାଇଁ ଜଣେ ଖେଳାଳିଙ୍କୁ ସରକାରୀ ଚେତାବନୀ ଠାରୁ ଆରମ୍ଭ କରି ତାଙ୍କ ମ୍ୟାଚ୍ ଫିର ସର୍ବାଧିକ ୫୦ ପ୍ରତିଶତ ଜରିମାନା ଏବଂ ଗୋଟିଏ କିମ୍ବା ଦୁଇଟି ଡିମେରିଟ୍ ପଏଣ୍ଟ ପର୍ଯ୍ୟନ୍ତ ଦଣ୍ଡିତ କରାଯାଇପାରେ। ଯଦି ଜଣେ ଖେଳାଳି ୨୪ ମାସ ମଧ୍ୟରେ ଚାରି କିମ୍ବା ତା’ଠାରୁ ଅଧିକ ଡିମେରିଟ୍ ପଏଣ୍ଟ ସଂଗ୍ରହ କରନ୍ତି, ତେବେ ସେଗୁଡ଼ିକୁ ନିଲମ୍ବନ ପଏଣ୍ଟରେ ପରିଣତ କରାଯାଏ ଏବଂ ଏହା ଦ୍ୱାରା ତାଙ୍କ ଉପରେ ପ୍ରତିବନ୍ଧକ ମଧ୍ୟ ଲାଗିପାରେ।

ଦେଶ ପାଇଁ ଭଲ କରିବା ଜୀବନର ଲକ୍ଷ୍ୟ : ପାଣ୍ଡ୍ୟା

ନୂଆଦିଲ୍ଲୀ, ୧୦।୩: ଭାରତର ଅଭିଜ୍ଞ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି ଯେ କ୍ରମାଗତ ଦ୍ୱିତୀୟ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିବା ତାଙ୍କ ପାଇଁ ଏକ ବ୍ୟକ୍ତିଗତ ଅଭିଜ୍ଞତା। ଏହା ଦଳର ସଫଳତାର ଆରମ୍ଭ ମାତ୍ର। ପାଣ୍ଡ୍ୟା ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ଆବଶ୍ୟକ ସମୟରେ ଚମତ୍କାର ସ୍ପେଲ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ନଅଟି ୱିକେଟ ନେଇଥିଲେ।

ପାଣ୍ଡ୍ୟା ଷ୍ଟାର ସ୍ପୋର୍ଟସକୁ କହିଥିଲେ, ବାରବାଡୋସରେ ବିଜୟ ପରେ (୨୦୨୪ ଫାଇନାଲରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ) ମୁଁ ନିଜକୁ ପ୍ରତିଶ୍ରୁତି ଦେଇଥିଲି ଯେ ମୁଁ ଯେକୌଣସି ଟୁର୍ଣ୍ଣାମେଣ୍ଟରେ ଖେଳିବି, ମୁଁ ଜିତିବା ଏବଂ ଟ୍ରଫି ଉଠାଇବା ପାଇଁ ଖେଳିବି। ଅହମଦାବାଦରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏହି ବିଜୟ ପ୍ରମାଣ କରେ ଯେ ମୁଁ ନିଜକୁ ଦେଇଥିବା ପ୍ରତିଶ୍ରୁତି ସତ ହୋଇଛି। ଏବଂ ଏହା କେବଳ ଆରମ୍ଭ।

ବତିଶ ବର୍ଷୀୟ ପାଣ୍ଡ୍ୟା ଆଇସିସିର ୨୦୨୬ ଟି-୨୦ ବିଶ୍ୱକପ୍ ଦଳରେ ସାମିଲ ହୋଇଥିବା ଚାରି ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରୁ ଜଣେ। ପାଣ୍ଡ୍ୟା ଆମେରିକାରେ ୨୦୨୪ ବିଶ୍ୱକପ୍ ପୂର୍ବରୁ ତାଙ୍କର ଚ୍ୟାଲେଞ୍ଜ ବିଷୟରେ ମଧ୍ୟ କହିଥିଲେ। ସେ

କହିଥିଲେ, ଯେତେବେଳେ ଆମେ ୨୦୨୪ରେ ଟି୨୦ ବିଶ୍ୱକପ୍ ଜିତିଥିଲୁ। ମୁଁ ବ୍ୟକ୍ତିଗତ ଭାବରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲି। ସେହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ବହୁତ କିଛି ଘଟିଥିଲା ଏବଂ ଜିନିଷଗୁଡ଼ିକ ମୋ ଇଚ୍ଛାରେ ନଥିଲା। ୨୦୨୪ ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ, ମୁଁ ପୁନରାଗମନ କରିବାକୁ ମନସ୍ଥ କରିଥିଲି।

ପାଣ୍ଡ୍ୟା ଟୁର୍ଣ୍ଣାମେଣ୍ଟରେ ତାଙ୍କର ପ୍ରଦର୍ଶନକୁ ମନେ ପକାଇ କହିଥିଲେ, ଯାହା ଆଇସିସି ସେ କହିଥିଲେ, ମୁଁ ଏକ ଦୃଢ଼ ପୁନରାଗମନ କରିବାକୁ ଚାହୁଁଥିଲି। ମୁଁ ତାହା କରିଥିଲି ଏବଂ ୧୭ ବର୍ଷ ପରେ ମୋ ଦଳକୁ ଟ୍ରଫି ଜିତିବାରେ ସାହାଯ୍ୟ କରିଥିଲି। ପାଣ୍ଡ୍ୟା ଟୁର୍ଣ୍ଣାମେଣ୍ଟର ପୂର୍ବ ସଂସ୍କରଣରେ ବ୍ୟାଟ୍ ଏବଂ ବଲ୍ ଉଭୟରେ ଭଲ ଥିଲେ। ସେ ୭.୬୪ ଇକୋନୋମି ହାରରେ ୧୧ ୱିକେଟ୍ ନେଇଥିଲେ ଏବଂ ୪୮.୦୦ ହାରାହାରିରେ ୧୪୪ ରନ୍ କରିଥିଲେ।

ବରୋଦା ଅଲରାଉଣ୍ଡର ଆହୁରି କହିଛନ୍ତି, ଅହମ୍ମଦାବାଦରେ ଏହି ଟି୨୦ ବିଶ୍ୱକପ୍ ବିଜୟ ବିଷୟରେ କହିବାକୁ ଗଲେ ଏହା ଏପରି କିଛି ଯାହା ପାଇଁ ମୁଁ ସର୍ବଦା ଖେଳେ। ମୁଁ ମୋ ଦେଶ ପାଇଁ ଭଲ କରିବା ଏବଂ ଟ୍ରଫି ଜିତିବା ପାଇଁ କ୍ରିକେଟ୍ ଖେଳୁଛି। ମୁଁ ଭାରତ ପାଇଁ ସମସ୍ତ ଟ୍ରଫି ଜିତିବାକୁ ଚାହେଁ। ରବିବାର ଭାରତ ଟି-୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖିବାରେ ପ୍ରଥମ ଦଳ ହୋଇଛି। ୨୦୦୭ରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଜିତିବା ପରଠାରୁ ଏହା ତିନୋଟି ଟାଇଟଲ ହାସଲ କରିଛି।

୧୪ରେ ବିବାହ କରିବେ କୁଲଦୀପ

ଲକ୍ଷ୍ନୌ, ୧୦।୩: ଟି-୨୦ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ ଦଳର ସଦସ୍ୟ କୁଲଦୀପ ଯାଦବ ୧୪ ମାର୍ଚ୍ଚରେ ମସୁରୀରେ ଏକ ଉତ୍ସବରେ ବଂଶିକାଙ୍କ ସହିତ ବିବାହ କରି ତାଙ୍କ ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିବେ। ୧୭ ମାର୍ଚ୍ଚରେ ଲକ୍ଷ୍ନୌ,ର ସେଣ୍ଟ୍ରମ ହୋଟେଲରେ ଏଥି ପାଇଁ ଏକ ଭବ୍ୟ ରିସେପ୍ସନର ଆୟୋଜନ ହେବ। ଏହି ଉତ୍ସବରେ ଭାରତୀୟ କ୍ରିକେଟ ଦଳର ଅନେକ ଖେଳାଳି, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଏବଂ ରାଜନୈତିକ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଆଶା କରାଯାଉଛି।

ଗତବର୍ଷ ଜୁନ୍ ମାସରେ ଏହି ଦମ୍ପତିଙ୍କ ନିର୍ବନ୍ଧ ହୋଇଥିବା ଜଣାପଡ଼ିଛି। ନିର୍ବନ୍ଧ ପରେ ବିବାହ ପ୍ରଥମେ ନଭେମ୍ବରରେ ଯୋଜନା କରାଯାଇଥିଲା। କିନ୍ତୁ ଭାରତୀୟ ଦଳର ବ୍ୟସ୍ତ କାର୍ଯ୍ୟସୂଚୀ ଯୋଗୁଁ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିଲା। ପରିବାର ବର୍ତ୍ତମାନ ବିବାହ ପ୍ରସ୍ତୁତି ଚୂଡ଼ାନ୍ତ କରିବାରେ ବ୍ୟସ୍ତ।

କୁଲଦୀପ ଯାଦବଙ୍କ ପିତା ରାମ ସିଂହ ଯାଦବ ଲକ୍ଷ୍ନୌରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବିବାହ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଇଥିଲେ ଏବଂ ତାଙ୍କର ଉପସ୍ଥିତି ବିଷୟରେ ଆଶ୍ୱାସନା ଦେଇଥିଲେ। ପରିବାର ସୂତ୍ରରୁ ଜଣାପଡିଛି ଯେ ହଳଦୀ ଏବଂ

ମେହେନ୍ଦି ଉତ୍ସବ ୧୩ ମାର୍ଚ୍ଚରେ ଅନୁଷ୍ଠିତ ହେବ ଏବଂ ୧୪ ମାର୍ଚ୍ଚରେ ମସୁରୀର ଏକ ରିସର୍ଟରେ ବିବାହ ଅନୁଷ୍ଠିତ ହେବ। ୧୭ ମାର୍ଚ୍ଚରେ ଲକ୍ଷ୍ନୌ,ରେ ହେବାକୁ ଥିବା ସ୍ୱାଗତ ସମାରୋହ ପାଇଁ ପ୍ରସ୍ତୁତି ମଧ୍ୟ ଜୋରଦାର ହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହିତ ଉତ୍ତର ପ୍ରଦେଶ ସରକାରଙ୍କ ଅନେକ ମନ୍ତ୍ରୀ ମଧ୍ୟ ଏହି ସ୍ୱାଗତ ଉତ୍ସବରେ ଯୋଗଦେବାର ଆଶା କରାଯାଉଛି। ଏହା ସହିତ ଉତ୍ତର ପ୍ରଦେଶର ଅନେକ ପ୍ରମୁଖ ବ୍ୟକ୍ତି, ଚଳଚ୍ଚିତ୍ର ତାରକା ଏବଂ ଭାରତୀୟ କ୍ରିକେଟ ଦଳର ପ୍ରମୁଖ ବ୍ୟକ୍ତିବିଶେଷ ମଧ୍ୟ ଉପସ୍ଥିତ ରହିବେ। କୁଲଦୀପ ଯାଦବଙ୍କ ଅନେକ ବିଦେଶୀ ବନ୍ଧୁ ମଧ୍ୟ ଯୋଗଦେବେ।

ଆଇପିଏଲ୍ ପରେ ଦିନିକିଆ ବିଶ୍ୱକପ୍ ପାଇଁ ପ୍ଲାନ୍

ନୂଆଦିଲ୍ଲୀ: ଟି-୨୦ ବିଶ୍ୱକପ ଜିତିବା ପରେ ପରେ ଭାରତୀୟ ଦଳର ନଜର ଏବେ ୨୦୨୭ ଦିନିକିଆ ବିଶ୍ୱକପ୍ ଉପରେ ରହିଛି । ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଏହାର ସଙ୍କେତ ଦେଇ ସାରିଲେଣି । ତାଙ୍କ ଅନୁଯାୟୀ, ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ବ୍ଲୁପ୍ରିଣ୍ଟ ଆଇପିଏଲ୍ ୨୦୨୬ ଶେଷ ସୁଦ୍ଧା ପ୍ରସ୍ତୁତ ହୋଇଯିବ।

୮ ମାର୍ଚ୍ଚରେ ଟିମ୍ ଇଣ୍ଡିଆର ଐତିହାସିକ ଟି୨୦ ବିଶ୍ୱକପ୍ ବିଜୟ ପରେ, ଗମ୍ଭୀର କହିଛନ୍ତି ଯେ ଟିମ୍ ମ୍ୟାନେଜମେଣ୍ଟ ବର୍ତ୍ତମାନ ପାଇଁ ବିଶ୍ରାମ ନେବ ଏବଂ ପରବର୍ତ୍ତୀ ପ୍ରମୁଖ ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିବ। ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ଆୟୋଜିତ ହେଉଛି ।ଏକ ସାକ୍ଷାତକାରରେ, ଗୌତମ ଗମ୍ଭୀର କହିଛନ୍ତି ଯେ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆଇପିଏଲ୍ ୨୦୨୬ ପରେ ଆରମ୍ଭ ହେବ। ଭାରତୀୟ ଦଳ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ ଏବଂ ଆସନ୍ତା ବର୍ଷର ଦିନିକିଆ ବିଶ୍ୱକପ୍ ମଧ୍ୟରେ ୨୫-୩୦ ଦିନିକିଆ ମ୍ୟାଚ୍ ଖେଳିବ। ମୁଖ୍ୟ ପ୍ରଶିକ୍ଷକ କହିଛନ୍ତି ଯେ ଆଜିକାଲି ବହୁ

ସଂଖ୍ୟାରେ ଦିନିକିଆ ମ୍ୟାଚ୍ ଖେଳାଯାଉନାହିଁ, ତେଣୁ ଦଳ ଯେତେ ଶୀଘ୍ର ପ୍ରସ୍ତୁତି କରିବ, ସେତେ ଭଲ। ଦକ୍ଷିଣ ଆଫ୍ରିକାର ଚ୍ୟାଲେଞ୍ଜ ବିଷୟରେ ଗୌତମ ଗମ୍ଭୀର କହିଛନ୍ତି, ‘ଦକ୍ଷିଣ ଆଫ୍ରିକାରେ ଖେଳିବା ସହଜ ନୁହେଁ। ଆମକୁ ସଂଯୋଜନ ବିକଶିତ କରିବାକୁ ପଡିବ ଏବଂ ସେଠାକାର ପରିସ୍ଥିତିରେ ଉନ୍ନତି କରିପାରୁଥିବା ଖେଳାଳିଙ୍କ ଉପରେ ଧ୍ୟାନ ଦେବାକୁ ପଡିବ। ଏହା ଚୟନକର୍ତ୍ତା ଏବଂ ପ୍ରଶିକ୍ଷକଙ୍କ କାମ। ଆଇପିଏଲ୍୨୦୨୬ ଶେଷ ହେବା ପର୍ଯ୍ୟନ୍ତ, ୨୦୨୭ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଯିବ।’

ସମସ୍ତଙ୍କ ନଜର ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଉପରେ ମଧ୍ୟ ରହିବ । ଏହି ଦୁଇ ଖେଳାଳି ଜୁନ୍ ୨୦୨୬ ରେ ଟିମ୍ ଇଣ୍ଡିଆ ପାଇଁ ଖେଳିପାରନ୍ତି। ଜୁନ୍ ମାସରେ, ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳିବ। ଆଫଗାନିସ୍ତାନ ୨୦୨୪ ଟି-୨୦ ବିଶ୍ୱକପ୍ର ସେମିଫାଇନାଲ୍‌ରେ ପହଞ୍ଚିଥିଲା, କିନ୍ତୁ ୨୦୨୬ ବିଶ୍ୱକପ୍ର ଗ୍ରୁପ୍ ପର୍ଯ୍ୟାୟରେ ବାଦ ପଡ଼ିଥିଲା। ଆଫଗାନିସ୍ତାନ ବିପକ୍ଷ ସିରିଜ୍ ପରେ, ଟିମ୍ ଇଣ୍ଡିଆ ଇଂଲଣ୍ଡ ଯାତ୍ରା କରିବ, ଯେଉଁଠାରେ ସେମାନେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳିବେ।

ହେଡେନଙ୍କୁ କୋଚ କଲା ଗୁଜୁରାଟ ଟାଇଟନ୍ସ

ନୂଆଦିଲ୍ଲୀ, ୧୦/୦୩; ଆଇପିଏଲ ୨୦୨୬ ଆରମ୍ଭ ପୂର୍ବରୁ, ଗୁଜୁରାଟ ଟାଇଟାନ୍ସ ସେମାନଙ୍କ ଦଳ ପରିଚାଳନାରେ ଏକ ବଡ଼ ପରିବର୍ତ୍ତନ କରିଛି। ଫ୍ରାଞ୍ଚାଇଜ୍ ପୂର୍ବତନ ଅଷ୍ଟ୍ରେଲୀୟ ଓପନର ମାଥ୍ୟୁ ହେଡେନଙ୍କୁ ଦଳର ନୂଆ ବ୍ୟାଟିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ତାଙ୍କ ଯୁଗରେ ସେ ସବୁଠାରୁ ବିପଜ୍ଜନକ ଓପନରମାନଙ୍କ ମଧ୍ୟରୁ ଜଣେ ଥିଲେ । ରନ୍ ମହାରଥୀ ମାଥ୍ୟୁ ଏବେ ଗୁଜରାଟ ଖେଳାଳିଙ୍କୁ ବ୍ୟାଟିଂ କୌଶଳ ଶିଖାଇବେ ।ମାଥ୍ୟୁ ହେଡେନଙ୍କ କ୍ୟାରିୟର- ସେ ତାଙ୍କ ସମୟର ସବୁଠାରୁ ପ୍ରଭାବଶାଳୀ ଅଷ୍ଟ୍ରେଲିଆ ବ୍ୟାଟରଙ୍କ ମଧ୍ୟରୁ ଜଣେ ଥିଲେ। ସେ ୨୭୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ଏବଂ ୧୫,୦୦୦ରୁ ଅଧିକ ରନ୍ କରିଛନ୍ତି । ହେଡେନ୍ ଦୁଇଥର ଦିନିକିଆ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳର ମଧ୍ୟ ଅଂଶ ଥିଲେ ଏବଂ ଅନେକ ଆଇସିସି ଟୁର୍ଣ୍ଣାମେଣ୍ଟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମାଥ୍ୟୁ ହେଡେନ୍ ଏବେ ଆଶିଷ ନେହେରା, ବିକ୍ରମ ସୋଲାଙ୍କି ଏବଂ ପାର୍ଥିବ ପଟେଲଙ୍କୁ ନେଇ ଗଠିତ ଏକ ସପୋର୍ଟ ଷ୍ଟାଫ୍ ?ଙ୍କ ସହ ଯୋଗ ଦେବେ । ପୂର୍ବରୁ, ସେ ପୁରୁଷ ସିନିୟର ଦଳର ବ୍ୟାଟିଂ ପରାମର୍ଶଦାତା ଭାବରେ ପାକିସ୍ତାନ ସହିତ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । କିମ୍ବଦନ୍ତୀ ବ୍ୟାଟର ମାଥ୍ୟୁ ହେଡେନ୍ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୧୩୨ଟି ମ୍ୟାଚ୍ ଖେଳିଛନ୍ତି । ୨୦୦୯ ସିଜିନରେ ସେ ବ୍ୟାଟରେ ବିସ୍ଫ ?ାରଣ କରି ୫୭୨ ରନ୍ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ନେତୃତ୍ୱ ନେବା ପାଇଁ ଅରେଞ୍ଜ କ୍ୟାପ୍ ଅର୍ଜନ କରିଥିଲେ । ହେଡେନ୍ ୨୦୧୦ରେ ଏମ୍ ଏସ୍ ଧୋନିଙ୍କ ନେତୃତ୍ୱରେ ପ୍ରଥମ ଆଇପିଏଲ ଟାଇଟଲ୍ ଜିତିଥିବା ଦଳର ଅଂଶ ଥିଲେ । ସେ ୧୩୨ଟି ଆଇପିଏଲ ମ୍ୟାଚ୍‌ରେ ୧୧୦୭ ରନ୍ କରିଛନ୍ତି । ତାଙ୍କ ନୂତନ ଭୂମିକା ବିଷୟରେ ହେଡେନ୍ କହିଛନ୍ତି, ‘ଭଲ ବ୍ୟାଟିଂ ଚାପ ସୃଷ୍ଟି କରେ । ଭଲ ବ୍ୟାଟିଂ ଖେଳ ଉପରେ ପ୍ରଭାବ ପକାଇଥାଏ । ଆମେ ଗୁଜରାଟ ଟାଇଟାନ୍ସରେ ଏହି ମାନଦଣ୍ଡ ସ୍ଥାପନ କରିବାକୁ ଚାହୁଁଛୁ ।’

ବିଶ୍ୱକପରୁ ଆଇସିସିର ରୋଜଗାର ବୃଦ୍ଧି

ନୂଆଦିଲ୍ଲୀ, ୧୦।୦୩; ଟି -ଟ୍ୱେଣ୍ଟି ବିଶ୍ୱକପ୍ ଶେଷ ହୋଇଛି । କ୍ରମାନ୍ୱୟରେ ଦ୍ୱିତୀୟ ଥର ଏବଂ ମୋଟ୍‌ରେ ୩ ଥର ଚାମ୍ପିଅନ ହୋଇ ଭାରତ ଇତିହାସ ରଚିଛି । ଆଲୋଚନା ଚାଲିଛି । ପ୍ରଶଂସାରେ ସୋସିଆଲ ମିଡିଆର ଛାତି ଉଛୁଳି ଉଠୁଛି । ସମସ୍ତେ ଆତ୍ମବିଭୋର ଓ ଭାବପ୍ରବଣ ହୋଇ ଉଠିଛନ୍ତି । ଏସବୁରୁ ଟିକିଏ ଦୂରେଇ ଯଦି ଖେଳ ଭିତରେ ଥିବା ସବୁଠୁ ବଡ କଥା ଉପରେ ନଜର ପକାଇବା, ତାହାହେଲେ ଆପଣମାନେ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହେବେ । ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପରେ ଆଇସିସି ମୋଟ୍ ୧ ବିଲିୟନ ଡଲାର ବା ୯୦୦୦ କୋଟି (ଆନୁମାନିକ) ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲା । ଯେଉଁଥିରେ ପ୍ରାୟତଃ ସଫଳ ହୋଇଛି । ଯାହା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଇତିହାସରେ ଏକ ରେକର୍ଡ । ତେଣୁ ଖେଳ କେବଳ ଖେଳରେ ସୀମିତ ନରହି, ଏହା ଏକ ବଡ ବଜାରରେ ପରିଣତ ହୋଇଛି ।କେବଳ ମ୍ୟାଚ୍ ପ୍ରସାରଣରୁ ୯୦ ପ୍ରତିଶତ ଅର୍ଥ- ଦର୍ଶକ ଓ ପ୍ରଶଂସକ ହେଉଛନ୍ତି ଏହି ବଜାରରେ ଗ୍ରାହକ । ଖେଳର ପ୍ରକୃତ ଉଦ୍ଦେଶ୍ୟ କ’ଣ ପରସ୍ପର ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠା । ନିଜ ନିଜ ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା କରିବା, କିନ୍ତୁ ବର୍ତ୍ତମାନ ସମୟ ବଦଳି ଯାଇଛି । କେବଳ ଖେଳକୁ ନେଇ ଅର୍ଥ ଉପାର୍ଜନ ଉପରେ ଫୋକସ କରାଯାଉଛି । ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ସଂସ୍କରଣରୁ ୧ ବିଲିୟନ ଡଲାର ରୋଜଗାର କରିବା ପାଇଁ ଯୋଜନା କରିଥିଲା । କାରଣ ଭାରତ ଏହାର ମୁଖ୍ୟ ଆୟୋଜକ । ବିଶ୍ୱ କ୍ରିକେଟର ସବୁଠୁ ବଡ ବଜାର । ତେଣୁ ଭେନ୍ୟୁ ଓ ସୂଚୀ ମଧ୍ୟ ସେମିତି ପ୍ରସ୍ତୁତ କରାଯାଇଥିଲା । କେବଳ ମ୍ୟାଚ୍ ପ୍ରସାରଣରୁ ୯୦ ପ୍ରତିଶତ ଅର୍ଥ କେବଳ ଭାରତରୁ ଆଇସିସି ମ୍ୟାଚ୍‌ର ପ୍ରସାରଣ ଅଧିକାର ବାବଦରେ ପୂରା ଟୁର୍ଣ୍ଣାମେଣ୍ଟର ୯୦ ପ୍ରତିଶତ ଅର୍ଥ ପାଇଛି ।

ଜିଓହଟ୍‌ଷ୍ଟାର ପ୍ରସାରଣ ଅଧିକାର ପାଇଥିଲା । ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ଯେତିକି ଆଲୋଚନା ହୁଏ, ଏହାର ବ୍ରାଣ୍ଡ ଭାଲ୍ୟୁ ସେତିକି ଆକାଶ ଛୁଆଁ ହୋଇଯାଏ । ଏଥର ଭାରତ ଓ ପାକିସ୍ତାନ ଥରୁଟିଏ ମୁହାଁମୁହିଁ ହୋଇଥିଲେ । ଏହି ଗୋଟିଏ ମ୍ୟାଚ୍‌ରୁ ୨୨୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଆଇସିସି ରୋଜଗାର କରିଥିବା ବିଭିନ୍ନ ଗଣମାଧ୍ୟମର ରିପୋର୍ଟରୁ ଜଣା ପଡିଛି । ଆଇସିସି ୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ମିଡିଆ ରାଇଟ୍ (ପ୍ରସାରଣ ଅଧିକାର) ବିକ୍ରି କରି ୩ ବିଲିୟନ ଡଲାର (୨୭ ହଜାର କୋଟିରୁ ଊର୍ଦ୍ଧ୍ୱ) ପାଇଛି । ପ୍ରସାରଣ ଅଧିକାର ବ୍ୟତୀତ ବିଭିନ୍ନ ପ୍ରାୟୋଜକ ଓ ଟିକେଟ୍ ବାବଦରେ ମଧ୍ୟ ବହୁ ଅର୍ଥ ରୋଜଗାର କରିଛି ଆଇସିସି । ୨୦ ପ୍ରତିଶତ ବଢ଼ିଛି ପୁରସ୍କାର ରାଶି ପୂର୍ବ ସଂସ୍କରଣରୁ ୨୦୨୬ ସଂସ୍କରଣ ପାଇଁ ପୁରସ୍କାର ରାଶି ୨୦ ପ୍ରତିଶତ ବୃଦ୍ଧି କରାଯାଇଥିଲା । ଏଥର ମୋଟ୍ ୧୩.୫ ମିଲିୟନ ଡଲାର (୧୨୦ କୋଟି) ପୁରସ୍କାର ରାଶି ରହିଥିଲା । ଚାମ୍ପିଅନ ଦଳକୁ ୩ ମିଲିୟନ (୨୭.୪୮ କୋଟି) ଏବଂ ରନର୍ସଅପ୍ ଦଳକୁ ୧.୬ ମିଲିୟନ ଡଲାର (୧୪.୬୫ କୋଟି) ପ୍ରଦାନ କରାଯାଇଥିଲା । ଭାରତରୁ ଆଇସିସି ସର୍ବାଧିକ ଅର୍ଥ ରୋଜଗାର କରିଥାଏ । ତେଣୁ ବିସିସିଆଇ ଭାଗରେ ଅଧିକ ଅର୍ଥ ମିଳିଥାଏ । ଆଇସିସି ବାର୍ଷିକ ୬୦୦ ମିଲିୟନ ଡଲାର ବିଭିନ୍ନ ଇଭେଣ୍ଟ ଆୟୋଜନ କରି ରୋଜଗାର କରେ । ୨୦୨୪ରୁ ୨୦୨୭ ଚକ୍ରରେ ବିସିସିଆଇକୁ ଆଇସିସିର ମୋଟ୍ ରୋଜଗାରର ୩୮.୫ ପ୍ରତିଶତ (ବାର୍ଷିକ ୨୩୧ ମିଲିୟନ ଡଲାର) ଅର୍ଥ ମିଳିବା ନେଇ ଚୁକ୍ତି ହୋଇଛି । ୨୦୨୨ରେ ବିଶ୍ୱକପ୍‌ରେ ମୋଟ୍ ପୁରସ୍କାର ରାଶି ୧ ବିଲିୟନ ଡଲାର ରହିଥିଲା । ଯାହା ଏଥର ଆଇସିସିର ପୂରା ଟୁର୍ଣ୍ଣାମେଣ୍ଟର ରୋଜଗାର ଠାରୁ ଅଧିକ । ୨୦୨୬ ସଂସ୍କରଣରେ ପୁରସ୍କାର ରାଶି ଦୁଇଗୁଣା ହେବ ବୋଲି ଆଶା କରାଯାଉଛି । କଥା ହେଉଛି, ଧୀରେ ଧୀରେ କ୍ରିକେଟ୍ ଯେମିତି ଟି-ଟ୍ୱେଣ୍ଟି ମାଧ୍ୟମରେ ସାରା ବିଶ୍ୱରେ ଲୋକପ୍ରିୟତାର ସିଡି ଚଢୁଛି, ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଆଇସିସି ଫିଫାର ବହୁ ନିକଟତର ହୋଇଯିବ ବୋଲି ଆଶା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe]k